ସପ୍ତଦଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08

Rs. 7.00

ବର୍ଷ-୧୭, ସଂଖ୍ୟା-୦୨, ଭୁବନେଶ୍ୱର: ଜାନୁୟାରୀ ୧୯-୨୫, ୨୦୨୬

Vol-17, Issue-02, Bhubaneswar : January 19-25, 2026

RNI NO.ODIODI/2010/33715

# ୨୯ରୁ ୨୩ ପୌରନିଗମ ହାତେଇଲା ମହାଯୁତି

ମୁମ୍ବାଇ: ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନ ଫଳାଫଳ ଘୋଷଣା କରାଯାଇଛି। ମୋଟ୍ ୨୯ଟି ନଗର ନିଗମ ମଧ୍ୟରୁ ୨୩ଟିରେ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ବିଜୟୀ ହୋଇଛି। ସେହିପରି ସବୁଠୁ ଚର୍ଚ୍ଚିତ ମୁମ୍ବାଇ ମହାନଗର ନିଗମରେ ମଧ ମୋଟ୍ ୨୨୭ଟି ଆସନରୁ ୧୧୮ଟି ଆସନକୁ ଜିତିବାରେ ସଫଳ ହୋଇଛି ମହାଯୁତି ମେଣ୍ଟ। ତେବେ ଏସବୁ ମଧ୍ୟରେ ଠାକ୍‌ରେ ବ୍ରଦର୍ସଙ୍କୁ ଶକ୍ତ ଝଟ୍‌କା ଲାଗିଛି। କାରଣ ଗୋଟିଏ ପଟେ ପୌର ନିଗମ ନିର୍ବାଚନକୁ ଦୃଷ୍ଟିରେ ରଖି ଉଦ୍ଧବ୍ ଠାକ୍‌ରେ ଏବଂ ରାଜ୍ ଠାକ୍‌ରେ ହାତ ମିଳାଇଥିଲେ ମଧ ସେମାନଙ୍କ ଏହି ଷ୍ଟ୍ରାଟେଜୀ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟକୁ ରୋକିବାରେ ବିଫଳ ହୋଇଛି। ଏତଦ୍‌ବ୍ୟତୀତ ଉଦ୍ଧବ ଠାକ୍‌ରେଙ୍କ ପାଇଁ ସବୁଠୁ ବଡ଼ ଦୁଃଖ ସାଜିଛି ମୁମ୍ବାଇ ମହାନଗର ନିଗମ ଉପରୁ କର୍ତ୍ତୃତ୍ୱ ହରାଇବା। ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉଦ୍ଧବ ଠାକ୍‌ରେଙ୍କ ଦଳ ଶିବସେନା (ୟୁବିଟି) ଦଖଲରେ ଥିବା ମୁମ୍ବାଇ ନଗରପାଳିକା ଏବେ ହାତଛଡା ହୋଇଛି। ବିଜେପି ନେତୃତ୍ୱାଧୀନ ମେଣ୍ଟ ଏଠାରେ କ୍ଲିନ୍ ସୁଇପ୍ କରିଛି।

ରିପୋର୍ଟ ଅନୁସାରେ ବିଜେପି ଏବଂ ସହଯୋଗୀ ଦଳ ଶିବସେନା (ଶିନ୍ଦେ ଗୋଷ୍ଠୀ) ମୁମ୍ବାଇ ମହାନଗର ନିଗମର ମୋଟ୍ ୨୨୭ ଆସନ ମଧ୍ୟରୁ ୧୧୮ ଆସନ ଜିତିଛନ୍ତି। ଯେତେବେଳେ କି ଏଠାରେ ବହୁମତ ପାଇଁ ୧୧୪ ଆସନର ଆବଶ୍ୟକତା ରହିଥିଲା। ବିଜେପି ମୋଟ୍ ୯୦ ଆସନକୁ ନିଜ ଅକ୍ତିଆରକୁ ନେବାରେ ସଫଳ ହୋଇଥିବା ଶିବସେନା (ଶିନ୍ଦେ ଗୋଷ୍ଠୀ) ୨୮ ଆସନ ଜିତିଛି। ଅନ୍ୟପକ୍ଷେ ୟୁବିଟି ଏବଂ ଏମ୍‌ଏନ୍‌ଏସ୍ ମିଳିତ ଭାବେ ଏଠାରେ ୭୦ ଆସନ ହାତେଇଛନ୍ତି। କଂଗ୍ରେସକୁ ଏଠାରେ ୧୨ଟି ଆସନ ମିଳିଛି। ତେବେ ଲଟେରୀ ଦ୍ୱାରା ମୁମ୍ବାଇ ମେୟର ନିର୍ଣ୍ଣୟ କରାଯିବ ବୋଲି ସୂଚନା ମିଳିଛି। ଉଦାହରଣ ସ୍ୱରୂପ, ଆସନଟି ମହିଳା, ଓବିସି, ଏସସି ପାଇଁ ସଂରକ୍ଷିତ ରହିବ କି ଖୋଲା ରହିବ ତାହା ନିର୍ବାଚନ କମିଶନ ଏକ ଲଟେରୀ ସିଷ୍ଟମ ମାଧ୍ୟମରେ ନିର୍ଣ୍ଣୟ କରିବେ।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ଅଶୋକ ସ୍ତମ୍ଭର କଥା
- ଆଇନହାଲୋ ଆଇଲ୍ୟାଣ୍ଡ୍
- ୱାଇ-ଫାଇ
- ମେଟାଲିକ୍ ଜ୍ୟାକେଟ୍

# ଆଞ୍ଚଳିକ ବୈଷମ୍ୟ ଦୂରହେବ, ପ୍ରତ୍ୟେକ ଅଞ୍ଚଳ ହେବ ବିକଶିତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: କେଉଁଝର କେବଳ ଏକ ଜିଲ୍ଲା ନୁହେଁ – ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦର ଭୂମି। ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି। ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି। ଖଣିଜ ପଦାର୍ଥ ଠାରୁ ଆରମ୍ଭ କରି ଜଙ୍ଗଲ, କୃଷି ଠାରୁ ମାନବ ସମ୍ବଳ ପର୍ଯ୍ୟନ୍ତ କେନ୍ଦୁଝର ସର୍ବଦା ରାଜ୍ୟର ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିଆସିଛି। କେନ୍ଦୁଝର ବିକାଶ ପାଇଁ ଠିକ୍ ସମୟ। ଯହି ସମୟ ହେ, କେନ୍ଦୁଝର ବିକାଶ କେ ଲିଏ, ବିଲକୁଲ ସହି ସମୟ ହେ।

କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପାଇଁ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ୭୧ଟି ପ୍ରକଳ୍ପର ଶୁଭଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ ଟି ପ୍ରକଳ୍ପର ଶିଳାନ୍ୟାସ କରାଗଲା ଏବଂ ପ୍ରାୟ ୧୯୪ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ କରାଗଲା। ଏଥିରେ



କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେସନ, ପାର୍କିଂ ଜୋନ, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତିକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରୀ, କ୍ୟାରିଅର କାଉନ୍‌ସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡ଼ି ବିଲ୍ଡିଂ ଇତ୍ୟାଦି ରହିଛି। ପୂର୍ବରୁ ଘୋଷଣା ଅନୁଯାୟୀ କେନ୍ଦୁଝରରେ ଆର୍‌ପିଆର୍‌ସିର ପାଇଁ ୫୦ କୋଟି ଟଙ୍କା ବିନିଯୋଗରେ ଶିଳାନ୍ୟାସ କରାଗଲା ଏବଂ ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ ମଧ ଶିଳାନ୍ୟାସ କରାଗଲା। ୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ମଧ ଶିଳାନ୍ୟାସ କରାଗଲା। କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର, ଲ୍ୟାବ୍, ପାଚେରୀର ଉଦ୍‌ଘାଟନ କରାଯାଇଛି। ଏଥିସହିତ ୧୪ କୋଟି ଟଙ୍କା ବିନିଯୋଗରେ ଚମ୍ପୁଆରେ ନିକଲସନ୍ ଫରେଷ୍ଟ ଟ୍ରେନିଂ ସ୍କୁଲ ମଧ ପ୍ରତିଷ୍ଠା କରାଯାଇଛି। ସେହିପରି ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକମାନଙ୍କୁ ସ୍କିଲ୍ ଟ୍ରେନିଂ ଦେବା ପାଇଁ ଡିଏମ୍‌ଏଫ ଖଣି ଶକ୍ତିର ଉଦ୍‌ଘାଟନ କରାଯାଇଛି। ଯେବେଠୁ ମାଆ ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝରର ବିକାଶର ଡବଲ ଇଂଜିନ ଗାଡ଼ିରେ ରକେଟ୍ ଇଞ୍ଜିନ ଲାଗିଛି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ମୋର ଗୋଟିଏ ଲକ୍ଷ୍ୟ- ମୁଁ ମୋ ସ୍ୱପ୍ନର ସୁନାର ଓଡ଼ିଶା ତିଆରି କରିବି। ଯେ'ପର୍ଯ୍ୟନ୍ତ ମୋ ଶରୀରରେ ରକ୍ତ ପ୍ରବାହିତ ହେଉଥିବ, ସେପର୍ଯ୍ୟନ୍ତ ଲୋକ ହିତରେ ପ୍ରତ୍ୟେକ କାମ କରିବି। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ। ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରଣରମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ସନାତନ ମହାକୁଡ, ବିଧାୟକ ଡାକ୍ତର ଫକୀର ଚରଣ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଳ ସିଂ, ଡିଆଇଜି ବ୍ରିଜେସ ରାୟ, ଏସ୍‌ପି ନିତୀନ କୁଶଲକୁର, ଡିଏଫ୍‌ଓ ଏଚଡ଼ି ଧନ୍‌ରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ୧୫ ସୂଚୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ

**ଭୁବନେଶ୍ୱର:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଚିବମାନଙ୍କ ସହିତ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ପ୍ରଥମେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସଚିବମାନଙ୍କର ମାସିକ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ସଚିବମାନେ ଯେତେବେଳେ ଜିଲ୍ଲା ଗସ୍ତରେ ଯାଉଛନ୍ତି, ସେମାନେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନୁଧ୍ୟାନ କରିବା ସହିତ ବିଶେଷ କରି ଯେଉଁଠି ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧିନ ରହିଛି ସେସବୁକୁ ସ୍ଥିତି ସମୀକ୍ଷା କରନ୍ତୁ। ପ୍ରକଳ୍ପ ବିଳମ୍ବ ହେଉଥିଲେ, ସେସବୁ କେଉଁ କାରଣରୁ ବିଳମ୍ବ ହେଉଛି, ସେ ସମ୍ପର୍କରେ ବୁଝି ସମାଧାନ ପାଇଁ ପରାମର୍ଶ ଦିଅନ୍ତୁ। ପାନୀୟ ଜଳ ଏକ ପ୍ରମୁଖ ଆବଶ୍ୟକତା ଏବଂ ବିଭିନ୍ନ ଜିଲ୍ଲାରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ଶୀଘ୍ର ଶେଷ ହେଲେ ସମ୍ପୃକ୍ତ ଗ୍ରାମବାସୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ୧୫ ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସୂଚୀକୁ ବିଭିନ୍ନ ବିଭାଗ ମାନେ କିପରି କାର୍ଯ୍ୟକାରୀ କରୁଛନ୍ତି ଏବଂ ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

# 'ନିପା ସଂକ୍ରମଣ ଲାଗି ଭୟ କରିବାର ନାହିଁ'

**ଭୁବନେଶ୍ୱର:** ପଶ୍ଚିମବଙ୍ଗରେ ନିପା ଭାଇରସ୍ ଚିହ୍ନଟ ପରେ ଓଡ଼ିଶାରେ ବଢ଼ିଛି ଚିନ୍ତା। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ନିପା ଭାଇରସ୍ ଆକ୍ରାନ୍ତ ଚିହ୍ନଟ ହୋଇନାହିଁ ତେଣୁ ଭୟ କରିବା ଦରକାର ନାହିଁ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, 'ପଶ୍ଚିମବଙ୍ଗରେ ନିପା ଭାଇରସ୍‌ରେ ଦୁଇଜଣ ସ୍ୱାସ୍ଥ୍ୟ କର୍ମୀ ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ଭାରତ ସରକାର ଏଯାଏଁ ଆମ ରାଜ୍ୟକୁ ନିର୍ଦ୍ଦେଶନାମା ଜାରି କରିନାହାନ୍ତି। ଯାହା ୨୦୨୩ରେ ମାର୍ଗଦର୍ଶିକା ଆସିଥିଲା, ତାହା ପାଳନ କରାଯାଉଛି। ବିଶେଷ କରି ବାଦୁଡ଼ି ଲାଗି ଏହା ବ୍ୟାପିଥାଏ, କେନ୍ଦ୍ର ନିର୍ଦ୍ଦେଶ ନ ଦେବା ଯାଏଁ ଓଡ଼ିଶାରେ କୌଣସି ଅସୁବିଧା ହେବାର ନାହିଁ। ଭାରତ ସରକାରଙ୍କ ଟିମ୍ ପଶ୍ଚିମବଙ୍ଗ ଯାଇ କାମ କରୁଛନ୍ତି, ରାଜ୍ୟ ସରକାର କେନ୍ଦ୍ର ସହ ଯୋଗାଯୋଗରେ ଅଛନ୍ତି। କେରଳରେ ବି ନିପା ଭାଇରସ ଅଛି, ହେଲେ କିଛି ନୂଆ କେଶ୍ ଦେଖା ଯାଇନି। ପଶ୍ଚିମବଙ୍ଗରେ ମାତ୍ର ଦୁଇଟି ମାମଲା ଆସିଛି, ହେଲେ ଏହା ବ୍ୟାପକ ହୋଇନାହିଁ। ଯେଉଁଥି ପାଇଁ ଓଡ଼ିଶା ଭୟ କରିବା ଦରକାର ନାହିଁ। ଏହା ଉପରେ ଏନ୍‌ସିଡିଏସ୍ ନଜର ରଖିଛି। ନିପା ଭାଇରସ୍‌ର ଲକ୍ଷଣ ହେଉଛି ଛିଙ୍କ ନାକରୁ ପାଣି ବାହାରିବା, ମୁଣ୍ଡବିନ୍ଧିବା, ଗୋଡ଼ହାତ ବିନ୍ଧାବିନ୍ଧି ହେବା। ଏମିତି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

# ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ବାଧ୍ୟତାମୂଳକ

ଭୁବନେଶ୍ୱର: ସରକାରୀ କାର୍ଯ୍ୟ ସମ୍ପାଦନ ସମୟରେ ଓଡ଼ିଆ ଭାଷାର ବ୍ୟବହାର ବାଧ୍ୟତାମୂଳକ। ଏଥିରେ ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ଅଧିକାରୀ ଏହାର ଖିଲାପ କରିବେ, ତାଙ୍କୁ ଏହି ବିଷୟରେ ତାଗିଦ୍ କରାଯିବ ଏବଂ ଆବଶ୍ୟକ ହେଲେ କାରଣ ଦର୍ଶାଅ ନୋଟିସ୍ ଜାରି ହେବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ହିମାଂଶୁ ଭୂଷଣ ପଣ୍ଡା ରାଜ୍ୟର ସମସ୍ତ ବିଭାଗୀୟ ସଚିବ, ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର, ସବୁ ଜିଲ୍ଲାପାଳଙ୍କୁ ଚିଠି ଦ୍ୱାରା ଜଣାଇ ଦିଆଯାଇଛି। ଏଣିକି ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ (ବ୍ଲକ, ଜିଲ୍ଲା ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ) ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରାଯିବ। ଏହି ସମ୍ପର୍କରେ ରାଜ୍ୟ ସରକାରଙ୍କ ଦ୍ୱାରା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧିସୂଚନା ସଂଖ୍ୟା ୨୪୯୬୭, ତା ୨୭.୦୮.୨୦୨୪ ରିଖ ମାଧ୍ୟମରେ ଜାରି କରିଯାଇଥିବା ସବିସ୍ତୃତ ନିର୍ଦ୍ଦେଶାବଳୀକୁ ପାଳନ କରାଯିବ। ସରକାରୀ କାର୍ଯ୍ୟାଳୟରୁ ପ୍ରକାଶ ପାଉଥିବା ସମସ୍ତ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟ ଇତ୍ୟାଦି ଓଡ଼ିଆ ଭାଷାରେ କରାଯିବ। ଉକ୍ତ ନିର୍ଦ୍ଦେଶନାମାରେ ଆହୁରି କୁହାଯାଇଛି ଯେ, ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ଅଧସ୍ତନ କାର୍ଯ୍ୟାଳୟ, ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଅନୁଷ୍ଠାନ ଯେପରିକି ବିଭିନ୍ନ ନିଗମ, ପୌର ସଂସ୍ଥା ଓ ସ୍ୱୟଂ ଚାଳିତ ସଂସ୍ଥା ଇତ୍ୟାଦି ଏହି ନିର୍ଦ୍ଦେଶକୁ ପାଳନ କରିବେ। ପ୍ରଶାସନିକ ଭାଷାକୋଷକୁ ନିରନ୍ତର ଭାବେ ଅଧ୍ୟୟନ କରାଯିବା ସହ ସରକାରୀ କାର୍ଯ୍ୟାଳୟରେ ଏହାକୁ ଉପଲବ୍ଧ କରାଇବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

# ବର୍ଦ୍ଧିତ ଆୟ ଓ ଅଭାବୀ ଜୀବନ

ଅଦ୍ଭୁତ ଏ ଦୁନିଆ ଓ ଅଦ୍ଭୁତ ଆମ ବ୍ୟବହାର ଓ ମାନସିକତା। ଛୋଟ ବେଳେ ଦେଖିଛୁ, ଆମ ପିତାମାତା କିପରି ସେମାନଙ୍କର ଅର୍ଥ ପରିଚାଳନା କରୁଥିଲେ ଓ ଘର ଖର୍ଚ୍ଚ, ପିଲାଙ୍କ ପାଠପଢ଼ା, ବିବାହ, ବ୍ରତ ପରି ସାମାଜିକ କର୍ମ, ସ୍ୱାସ୍ଥ୍ୟସେବା ଏବଂ ଅନେକ ଆନୁଷଙ୍ଗିକ ଖର୍ଚ୍ଚ ପରେ ମଧ୍ୟ ନିୟମିତ କିଛି ସଞ୍ଚୟ କରୁଥିଲେ ଓ ନ ଥିଲା ଆଜି ପରି ମୋଟା ରୋଜଗାର, ସଞ୍ଚୟ ଓ ନିବେଶର ବିଶେଷ ସୁବିଧା। ଏହା ସତ୍ତ୍ୱେ ସେମାନେ ଭବିଷ୍ୟତ ସୁରକ୍ଷା ପାଇଁ ସଞ୍ଚୟର ଗୁରୁତ୍ୱ ଭଲଭାବେ ଉପଲବ୍ଧି କରିଥିଲେ।

ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକ ପରିବାର ଏକ ଅଦ୍ଭୁତ ବିରୋଧାଭାସର ସମ୍ମୁଖୀନ ହେଉଛନ୍ତି। ଯଥେଷ୍ଟ ମାସିକ ଆୟ ସତ୍ତ୍ୱେ ଅଭାବ ଅନୁଭବ କରିବା, ମାସ ଶେଷକୁ ଟଙ୍କାର ଅଭାବ ଏବଂ ଆୟ ବୃଦ୍ଧି ସହ ନିଜର ଆର୍ଥିକ ସ୍ଥିତିର ଉନ୍ନତି ନ ହେବା ଅନୁଭୂତି। ସ୍ଥାୟୀ ଚାକିରି, ନିୟମିତ ଆୟ, ଉଚ୍ଚ ଶିକ୍ଷା, ଘର , ଗାଡ଼ି ଏବଂ ସୁନ୍ଦର ଘର ଥାଇ ମଧ୍ୟ ମାନସିକ ଚାପ ଓ ଆର୍ଥିକ ଅସ୍ଥିରତା ରହିବା ଏକ ସାଧାରଣ ଘଟଣା ହୋଇଗଲାଣି। ତେବେ ପ୍ରଶ୍ନ ଉଠେ, ଯଦି ଆୟ ଭଲ, ତେବେ ଏହି ଅଭାବ କାହିଁକି ?

ମୋଟା ଆୟ ସତ୍ତ୍ୱେ ଅଭାବର କାରଣଗୁଡିକ ହେଉଛି: ପ୍ରଥମରେ ମହଙ୍ଗା ଜୀବନଶୈଳୀ: ଆୟ ବଢ଼ିଲେ ଖର୍ଚ୍ଚ ମଧ୍ୟ ବଢ଼ିଚାଲେ ଓ ଏହାକୁ ଲାଇଫଷ୍ଟାଇଲ ଇନ୍‌ଫ୍ଲେଶନ କୁହାଯାଏ। ଯେତେବେଳେ ବେତନ ବଢ଼େ, ସେତେବେଳେ ନୂଆ ଗାଡ଼ି, ବଡ଼ ଘର, ମହଙ୍ଗା ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଭ୍ରମଣଜନିତ ଖର୍ଚ୍ଚ ଏବଂ ଦାମୀ ବ୍ରାଣ୍ଡେଡ୍ ପୋଷାକପତ୍ରରେ ଅଧିକ ବ୍ୟୟ ହୋଇଥାଏ ଓ ଆୟ ବଢ଼ିବା ସହ ଜୀବନଧାରଣ ମଧ୍ୟ ଉନ୍ନତ ହେବା ଜରୁରୀ ବୋଲି ଧାରଣା ମନରେ ଆସେ। ଏପରି ମାନସିକତା ପାଇଁ ବ୍ୟୟ ବୃଦ୍ଧିପାଏ ଓ ସଞ୍ଚୟ କ୍ଷମତାକୁ ନଷ୍ଟ କରିଦେଇଥାଏ। ଫଳସ୍ୱରୂପ ଆୟ ଯେତିକି ବଢ଼େ, ଖର୍ଚ୍ଚ ମଧ୍ୟ ସେତିକି ବଢ଼ିଚାଲେ ଏବଂ ଅଭାବ ଅନୁଭୂତ ହୋଇଥାଏ। ଦ୍ୱିତୀୟରେ ଋଣଯନ୍ତା: ଉଚ୍ଚ ଆୟର ଏକ ବଡ଼ ଅଂଶ ଘର ଋଣ, ଗାଡ଼ି ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟରେ ସରିଯାଏ। ବେତନ ବଢ଼ିବା ସହ ନୂଆ ଏବଂ ବଡ଼ ଋଣ ନେବାର ପ୍ରବୃତ୍ତି ମଧ୍ୟ ବଢ଼ିଥାଏ। ଏହି ଋଣଗୁଡ଼ିକର ମାସିକ କିସ୍ତି ଏତେ ଅଧିକ ହୋଇଯାଏ ଯେ ବାକି ଟଙ୍କାରେ ପରିବାରର ମୌଳିକ ଚାହିଦା ପୂରଣ କରିବା କଷ୍ଟକର ହୋଇପଡ଼େ। ଋଣ ହେଉଛି ଏକ ଦ୍ୱିଧାରିଆ ତରବାରି। ଏହା ଆବଶ୍ୟକତା ପୂରଣ କରେ, କିନ୍ତୁ ଆୟର ଏକ ବଡ଼ ଅଂଶକୁ ଲଗାତର ବାନ୍ଧି ରଖେ। ଗୋଟିଏ ଋଣ ପରିଶୋଧ କରିବାକୁ ଅନ୍ୟ ଏକ ଋଣ କରିବାକୁ ପଡ଼େ। ଏପରି ଏକ ସମୟ ଆସେ ଯେ ଋଣ ମଧ୍ୟରୁ ବାହାରି ହୁଏ ନାହିଁ ଓ ଋଣଯନ୍ତାରେ ପଡ଼ି ଛଟପଟ ହେବାକୁ ପଡ଼େ।

ତୃତୀୟରେ ଅସ୍ପଷ୍ଟ ବଜେଟ, ଅନିୟମିତ ଖର୍ଚ୍ଚ, ପ୍ରେରଣା କ୍ରୟ( ଆକସ୍ମିକ କ୍ରୟ): ଭଲ ଆୟ ଥିବା ସତ୍ତ୍ୱେ ବ୍ୟବସ୍ଥିତ ବଜେଟ ବା ସୁକଳ୍ପିତ ଆୟ ଓ ବ୍ୟୟର ଯୋଜନାର ଅଭାବ। ମାସ ଆରମ୍ଭରେ କେଉଁ ଖର୍ଚ୍ଚ କେତେ ହେବ, କେତେ ସଞ୍ଚୟ ହେବ, କେତେ ନିବେଶ ପାଇଁ ରଖାଯିବ ଏସବୁର କୌଣସି ସ୍ପଷ୍ଟ ଯୋଜନା ନ ଥାଏ। ଫଳରେ ଅନିୟମିତ ଭାବରେ ଖର୍ଚ୍ଚ ହୋଇଯାଏ, ଯାହା ମାସ ଶେଷ ବେଳକୁ ଅଭାବ ସୃଷ୍ଟିକରେ। ଛୋଟ ଛୋଟ ଖର୍ଚ୍ଚ, ଯେପରିକି ବାରମ୍ବାର ବାହାରେ ଖାଇବା, ଅନ୍‌ଲାଇନ କିଣାକିଣି, ମନୋରଞ୍ଜନ ପାଇଁ ଅତ୍ୟଧିକ ଖର୍ଚ୍ଚ, ପୂର୍ବରୁ ଯୋଜନା ନ ଥାଇ ମନର ଆକର୍ଷଣ ପ୍ରଭାବରେ କିଣିବା ଦ୍ୱାରା ବଡ଼ ଅଙ୍କର ଟଙ୍କା ଖର୍ଚ୍ଚ ହୋଇଯାଏ ଓ ଅଭାବ ପଡ଼େ।

ଚତୁର୍ଥ କାରଣ ହେଉଛି ସାମାଜିକ ଚାପ, ପଡ଼ୋଶୀ ପ୍ରଭାବ ଏବଂ ଦେଖାଇହେବା ପ୍ରବୃତ୍ତି : ପଡ଼ୋଶୀ ଓ ସାଙ୍ଗସାଥୀଙ୍କ ସହ ତୁଳନାକରି ଜୀବନଯାପନ କରିବାର ପ୍ରବୃତ୍ତି ଆର୍ଥିକ ସଙ୍କଟରେ ପକାଇଥାଏ ଓ ଯଦି ପଡ଼ୋଶୀଙ୍କ ଘରେ ନୂଆ ଗାଡ଼ି ଆସିଲା, ତେବେ ଆମେ ମଧ୍ୟ ଗାଡ଼ି କିଣିବାକୁ ଚାହୁଁ; ସାଙ୍ଗମାନେ ମହଙ୍ଗା ଛୁଟିରେ ଯାଉଛନ୍ତି, ତେବେ ଆମେ ମଧ୍ୟ ଯିବାକୁ ଇଚ୍ଛାକରୁ; ସାମାଜିକ ଗଣମାଧ୍ୟମ (ଯେପରି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍) ଆଦିରେ ଲୋକମାନେ ନିଜର ସଫଳତା ଏବଂ ଭଲ ଜିନିଷ ଦେଖାଉଥିବାରୁ ଆମେ ମଧ୍ୟ ସେମିତି ଜୀବନଯାପନ କରିବାକୁ ଚାହୁଁ। ଏପରି ସାମାଜିକ ଚାପ, ପଡ଼ୋଶୀଙ୍କ ପ୍ରଭାବ ଏବଂ ନିଜକୁ ଦେଖାଇହେବା ପ୍ରବୃତ୍ତି ଆମକୁ ଆମର କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ କରେ, ଫଳରେ ଆର୍ଥିକ ଅସ୍ଥିରତା ଦେଖାଦିଏ।

ପଞ୍ଚମରେ ଅପଚୟ ଏବଂ ଅନାବଶ୍ୟକ ଖର୍ଚ୍ଚ: ଭଲ ଆୟ ଥିବା ଲୋକମାନେ ମଧ୍ୟ ଅନେକ ସମୟରେ ଅପଚୟ କରିଥାନ୍ତି। ଯେପରିକି ଖାଦ୍ୟବସ୍ତୁ ନଷ୍ଟକରିବା, ଲାଇଟ-ପାଣି ବୃଥା ଖର୍ଚ୍ଚ, ଅଧିକ ସମୟ ପର୍ଯ୍ୟନ୍ତ ଏସି କିମ୍ବା ହିଟର ଚାଲୁରଖିବା, ଅନାବଶ୍ୟକ ମୋବାଇଲ ଫୋନ୍ କିମ୍ବା ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣିବା ଇତ୍ୟାଦି ଇତ୍ୟାଦି। ଷଷ୍ଠରେ ମୁଦ୍ରାସ୍ଫୀତି :ଆୟ ବଢୁନାହିଁ, କିନ୍ତୁ ଜିନିଷପତ୍ରର ଦାମ୍ ବଢୁଛି। ମୁଦ୍ରାସ୍ଫୀତି ଯୋଗୁ ପ୍ରତିବର୍ଷ ଖାଦ୍ୟଦ୍ରବ୍ୟ, ଇନ୍ଧନ, ଚିକିତ୍ସା, ଶିକ୍ଷା, ଏବଂ ଘରଭଡ଼ା ଆଦିର ମୂଲ୍ୟ ବଢ଼ିଚାଲିଥାଏ। କିନ୍ତୁ ସମସ୍ତଙ୍କ ଆୟ ସେହି ହାରରେ ବଢ଼େନାହିଁ। ଫଳରେ ଆୟ ବଢ଼ିଲେ ମଧ୍ୟ କ୍ରୟ କ୍ଷମତା ସମାନ ରହେ ନାହିଁ କିମ୍ବା କମିଯାଏ। ଅର୍ଥାତ୍ ଆଜି ଯେତେ ଟଙ୍କାରେ ଯାହା ମିଳୁଛି, ଆଗାମୀ ବର୍ଷ ସେଇ ଟଙ୍କାରେ ତାହା ମିଳିବ ନାହିଁ। ଏହା ଆର୍ଥିକ ଶକ୍ତିକୁ କ୍ଷୟ କରିଥାଏ। ସପ୍ତମରେ ଅପ୍ରତ୍ୟାଶିତ ଖର୍ଚ୍ଚ, ପାରିବାରିକ ଦାୟିତ୍ୱ ଏବଂ କର ବୋଝ ବୃଦ୍ଧି ଓ ଏହିସବୁ ଖର୍ଚ୍ଚ ପାଇଁ ପ୍ରସ୍ତୁତ ନ ରହିବା ଅଭାବର କାରଣ ହୋଇଥାଏ। ଅଷ୍ଟମ କାରଣ ହେଉଛି ନିବେଶ ଏବଂ ଭବିଷ୍ୟତ ପାଇଁ ସଞ୍ଚୟର ଅଭାବ : ଅନେକ ଉଚ୍ଚ ଆୟକାରୀ ଲୋକ କେବଳ ବର୍ତ୍ତମାନକୁ ଚିନ୍ତାକରି ଖର୍ଚ୍ଚ କରନ୍ତି, ଭବିଷ୍ୟତ ପାଇଁ ଯୋଜନା କରନ୍ତି ନାହିଁ। ସେମାନେ ନିବେଶ କରନ୍ତି ନାହିଁ, ଫଳରେ ଟଙ୍କାର ମୂଲ୍ୟ ସମୟ ସହ କମିଯାଏ। ଭବିଷ୍ୟତରେ ପିଲାଙ୍କ ଶିକ୍ଷା, ନିଜର ଅବସରକାଳୀନ ଜୀବନ ପାଇଁ ଟଙ୍କା ସଞ୍ଚୟ ନ ଥିଲେ ଆଜିର ଭଲ ଆୟ ମଧ୍ୟ ଭବିଷ୍ୟତରେ ଅଭାବ ସୃଷ୍ଟି କରିପାରେ। ନିବେଶ ନ କରି କେବଳ ସଞ୍ଚୟ କରିବା ମଧ୍ୟ ପର୍ଯ୍ୟାପ୍ତ ନୁହେଁ, କାରଣ ମୁଦ୍ରାସ୍ଫୀତି ସଞ୍ଚୟର ମୂଲ୍ୟକୁ କମାଇଦିଏ। ଭଲ ଆୟ ହେଉଛି ଏକ ବଡ଼ ସୁଯୋଗ, କିନ୍ତୁ ଏହା ଆପେ ଆପେ ଆର୍ଥିକ ସୁରକ୍ଷା ଦେଇପାରେ ନାହିଁ। ଆୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଟଙ୍କାକୁ ବୁଦ୍ଧିମତ୍ତାର ସହ ଖର୍ଚ୍ଚ କରିବା, ସଞ୍ଚୟ ଏବଂ ନିବେଶ କରିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଭାବ ଅନୁଭବ ହେଉଛି ଆମର ଚିନ୍ତାଧାରା, ମାନସିକତା ଏବଂ ରୁଗ୍ଣ ଅର୍ଥ ପରିଚାଳନାର ଫଳ। ଆୟ ବଢ଼ାଇବା ଉପରେ ଧ୍ୟାନଦେବା ସହ ଜୀବନର ବିଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ଅର୍ଥ ନିଯୋଜନ, ଖର୍ଚ୍ଚ ନିୟନ୍ତ୍ରଣ ଏବଂ ଆର୍ଥିକ ସ୍ଥିତିର ନିୟମିତ ମୂଲ୍ୟାଙ୍କନ ଉପରେ ଧ୍ୟାନଦେଲେ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଏବଂ ମାନସିକ ଶାନ୍ତି ଲାଭ କରିହେବ।

# ବିଶ୍ୱଶାନ୍ତିରେ ପ୍ରଶ୍ନବାଚୀ

ଏକ ସ୍ୱାଧୀନ ତଥା ସାର୍ବଭୌମ ଦେଶ ଭେନେଜୁଏଲା ଉପରେ ଆମେରିକାର ରାତିଅଧିଆ ସାମରିକ ଆକ୍ରମଣ ଓ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏବଂ ତାଙ୍କ ସ୍ତ୍ରୀଙ୍କୁ ଅପହରଣ କରି ଅନ୍ୟ ଏକ ଦେଶକୁ ନେଇ ସେଠାରେ ମିଥ୍ୟା ଅଭିଯୋଗ ଆଧାରରେ ବିଚାରର ନାଟକ ରଚିବା ସାରା ବିଶ୍ୱରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଆର୍ଜେଣ୍ଟିନା ଓ ୟୁକ୍ରେନ୍ ପରି ଆମେରିକାର ବୋଲକରା ଗୋଟିଏ ଦୁଇଟି ଦେଶକୁ ଛାଡ଼ିଦେଲେ, ବିଶ୍ୱର ଅନ୍ୟ କୌଣସି ଦେଶ ଆମେରିକାର ଏଭଳି ଆତଙ୍କବାଦୀ କୃତ୍ୟକୁ ଖୋଲା ସମର୍ଥନ କରି ନାହାନ୍ତି। ବରଂ ରୁଷିଆ, ଚାଇନା, ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ଇରାନ, ଉତ୍ତର କୋରିଆ ପରି ଦେଶଗୁଡ଼ିକ ଏହାର ନିନ୍ଦା କରିବା ସହ ପରିଣାମ ବିଶ୍ୱବ୍ୟାପୀ ହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ତା'ର ଘନିଷ୍ଠ ସହଯୋଗୀ ରହି ଆସିଥିବା ଅନେକ ୟୁରୋପୀୟ ଦେଶ ନିନ୍ଦା କରିଛନ୍ତି।

ନିକୋଲାସ୍ ମାଦୁରୋଙ୍କ ବିରୋଧରେ ଆମେରିକା ନିଶାଦ୍ରବ୍ୟର ଚୋରାଚାଲାଣ ଓ ବେଆଇନ ଅର୍ଥ କାରବାରରେ ଲିପ୍ତ ଥିବାର ଅଭିଯୋଗ କରିଛି। ପ୍ରଶ୍ନ ଉଠୁଛି, ଯଦି କୌଣସି ଦେଶର ନିର୍ବାଚିତ ରାଷ୍ଟ୍ରପତିଙ୍କ ବିରୋଧରେ ଏଭଳି ଗୁରୁତର ଅପରାଧର ଅଭିଯୋଗ ରହିଥିଲା, ତାହେଲେ ଆମେରିକା ତାଙ୍କ ବିରୋଧରେ ମିଳିତ ଜାତିସଂଘ କିମ୍ବା ଆନ୍ତର୍ଜାତିକ ଅଦାଲତର ଦ୍ୱାରସ୍ଥ ହୋଇପାରିଥାନ୍ତା। ଅଥବା ବିଶ୍ୱବାସୀଙ୍କ ସମ୍ମୁଖରେ ଏନେଇ ଠୋସ୍ ? ତଥ୍ୟ ଓ ପ୍ରମାଣ ରଖିପାରିଥାନ୍ତା। କିନ୍ତୁ ଅନ୍ତର୍ଜାତୀୟ କୋର୍ଟର ରାୟ ବିନା ତଥା ଜାତିସଂଘର ଅନୁମତି ନନେଇ ଗୋଟିଏ ସ୍ୱାଧୀନ ଦେଶର ରାଷ୍ଟ୍ରପତିଙ୍କୁ ପ୍ରତାଡ଼ିତ କରିବା ଆଦୌ ଆଇନସମ୍ମତ ତ ନୁହେଁ। ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଅପ୍ରତ୍ୟାଶିତ ନଥିଲା। ଗତ କିଛି ମାସ ଧରି ଆମେରିକା ଭେନେଜୁଏଲା ନିକଟସ୍ଥ କାରିବିୟାନ ସମୁଦ୍ର ଅଞ୍ଚଳରେ ନିଜର ସାମରିକ ଶକ୍ତିକୁ ଠୁଳ କରି ତା'କୁ ଏକରକମ ବନ୍ଦୀ କରି ରଖିଆସିଛି। ସେମାନଙ୍କ ପ୍ରକୃତ ଉଦ୍ଦେଶ୍ୟ ଯେ ଭେନେଜୁଏଲାରେ ବଳପୂର୍ବକ ଶାସନ ପରିବର୍ତ୍ତନ କରି ସେ ଦେଶର ବିପୁଳ ତୈଳ ଭଣ୍ଡାର ଓ ପ୍ରାକୃତିକ ସମ୍ପଦକୁ ଆମେରିକୀୟ କମ୍ପାନୀଙ୍କୁ ଟେକିଦେବା, ତାହା ଆଉ ଲୁଚି ରହିନାହିଁ। ଭେନେଜୁଏଲା ଉପରେ ଆକ୍ରମଣ କରିବା ପରେ ରାଷ୍ଟ୍ରପତି ଟ୍ରମ୍ପ୍ ବର୍ତ୍ତମାନ ପାଇଁ ସେହି ଦେଶକୁ ଆମେରିକା ଚଳେଇବ ବୋଲି କହିଛନ୍ତି। ଏହା ସହିତ ଆଗାମୀ ଦିନରେ କ୍ୟୁବା, କଲମ୍ବିଆ ସମେତ ଦକ୍ଷିଣ ଆମେରିକାର ଆହୁରି ୫ଟି ଦେଶ ଉପରେ ଆକ୍ରମଣ କରିବାକୁ ସଙ୍କେତ ଦେଇଛନ୍ତି। ଆମେରିକାର ଏହି ଆଭିମୁଖ୍ୟ ବିଶ୍ୱର ବିଭିନ୍ନ ଦେଶ ବିଶେଷ କରି ଦକ୍ଷିଣ ଆମେରିକାର ଦେଶଗୁଡ଼ିକୁ ଭୟଭୀତ କରିବା ସ୍ୱାଭାବିକ।

ଆମେରିକାର ବିଶାଳ ସୈନ୍ୟ କ୍ଷମତା ଓ ଆର୍ଥିକ ଶକ୍ତି ଆଗରେ ଦକ୍ଷିଣ ଆମେରିକାର ଦେଶଗୁଡ଼ିକ ଠିଆ ହେବା ସମ୍ଭବ ନୁହେଁ ବୋଲି ଟ୍ରମ୍ପ ଭାବୁଛନ୍ତି। ଯେହେତୁ ରୁଷିଆ ଓ ଚାଇନା ପରି ମହାଶକ୍ତିଙ୍କ ସେହି ଅଞ୍ଚଳରେ ସାମରିକ ଉପସ୍ଥିତି ନାହିଁ ତେଣୁ ଆକ୍ରମଣ ପରିସ୍ଥିତିରେ ଉପରୋକ୍ତ ଦେଶଗୁଡ଼ିକ ଏକରକମ ଆତ୍ମସମର୍ପଣ କରିବାକୁ ବାଧ୍ୟହେବେ ବୋଲି ଧରି ନେଇଛନ୍ତି। କିନ୍ତୁ ସମଗ୍ର ଦକ୍ଷିଣ ଆମେରିକାକୁ ଦଖଲ କରିବା ଟ୍ରମ୍ପଙ୍କ ପାଇଁ ସହଜ ନୁହେଁ। ଭେନେଜୁଏଲାକୁ ସମୁଦ୍ରରୁ ଘେରି ରଖିଥିଲେ ମଧ୍ୟ ଏଯାଏ ସେଠାରେ ଆମେରିକା ତା'ର ସେନାକୁ ମୁତୟନ କରିବାରେ ସକ୍ଷମ ହୋଇନି। ସରକାରୀ ସହଯୋଗରେ ସେଠାରେ ପ୍ରସ୍ତୁତ ରହିଥିବା ଲକ୍ଷ ଲକ୍ଷ ସଶସ୍ତ୍ର ମିଲିସିଆଙ୍କୁ ସାମ୍ନା କରିବା ଆମେରିକାର ସେନା ପାଇଁ କଷ୍ଟକର। ଇତିମଧ୍ୟରେ ଟ୍ରମ୍ପଙ୍କ ମନ୍ତବ୍ୟ ଉପରେ କଲମ୍ବିଆର ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ପ୍ରତିକ୍ରିୟା ଦେଇ ଆମେରିକାର ଯେକୌଣସି ଆକ୍ରମଣକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ଚାଲେଞ୍ଜ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସେ ପୂର୍ବରୁ ସେଠାକାର ଏକ ବଡ଼ ସଶସ୍ତ୍ର ସଂଗଠନର ନେତୃତ୍ୱ ନେଇ ସେଠାକାର ସରକାର ସହ ଅନେକ ଦଶକ ଧରି ଗେରିଲା ଲଢ଼େଇରେ ବ୍ୟସ୍ତ ଥିଲେ। ପରେ ଏକ ଶାନ୍ତି ରାଜିନାମା ପରେ ସେ ଓ ତାଙ୍କର ହଜାର ହଜାର କ୍ୟାଡ଼ର ଅସ୍ତ୍ର ତ୍ୟାଗ କରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମିଲ ହୋଇଥିଲେ ଏବଂ ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ପାଇ ବିଧିବଦ୍ଧ ଭାବେ କଲମ୍ବିଆର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଆମେରିକାର ବିରୋଧୀ ଭାବେ କଲମ୍ବିଆ, ବ୍ରାଜିଲ ଓ ମେକ୍ସିକୋ ପ୍ରମୁଖ ରହିଛନ୍ତି।। ସେମାନଙ୍କ ପଛରେ ରୁଷିଆ ଓ ଚାଇନାର ପ୍ରତ୍ୟକ୍ଷ ସହଯୋଗ ରହିଛି। ତେଣୁ ସେସବୁ ଦେଶ ଉପରେ ଆକ୍ରମଣ ଆମେରିକାକୁ ମହଙ୍ଗା ପଡ଼ିବା ସ୍ୱାଭାବିକ।

ଆମେରିକାର ଭେନେଜୁଏଲା ଆକ୍ରମଣ ବିଶ୍ୱରେ ଭୟଙ୍କର ପରମ୍ପରା ସୃଷ୍ଟି କରିବାକୁ ଯାଉଛି। ଏକ ଶୃଙ୍ଖଳିତ ବିଶ୍ୱ ବଦଳରେ ଜଙ୍ଗଲରାଜ ଅର୍ଥାତ୍ ? 'ଜୋର୍ ଯା'ର, ମୁଲକ ତା'ର' ନୀତି ହିଁ ବିଶ୍ୱର ନିୟମ ହେବା ଜଣାପଡୁଛି। ଦୁଇ ଦୁଇଟି ବିଶ୍ୱ ଯୁଦ୍ଧରୁ ଶିକ୍ଷାଲାଭ କରି ଆମେରିକା ସମେତ ବିଶ୍ୱର ସମସ୍ତ ଦେଶ ଏକ ବୈଶ୍ୱିକ ଶୃଙ୍ଖଳା ଓ ସ୍ଥାୟୀ ଶାନ୍ତି ପାଇଁ ଯେଉଁ ମିଳିତ ଜାତିସଂଘ ଗଠନ କରିଥିଲେ, ତାହା ପ୍ରାୟତଃ ଆଜି ଏକରକମ ଅପ୍ରାସଙ୍ଗିକ ଓ ପଙ୍ଗୁ ହୋଇଯାଇଛି। ଜାତିସଂଘର ମହାସଚିବ କେବଳ ମଝି ମଝିରେ ବିବୃତି ପ୍ରକାଶ କରି ଶାନ୍ତିରକ୍ଷା ପାଇଁ ଦେଶଗୁଡ଼ିକୁ ନିବେଦନ କରିବାରେ ନିଜକୁ ସୀମିତ ରଖିଛନ୍ତି।

ଭେନେଜୁଏଲା ଘଟଣାରେ ଭାରତ ସରକାରଙ୍କ ପ୍ରତିକ୍ରିୟା ଅତ୍ୟନ୍ତ ଦୁର୍ବଳ ଓ ଅସହାୟପୂର୍ଣ୍ଣ ମନେହୁଏ। ଭାରତ ସର୍ବଦା ବିଶ୍ୱରେ ଶାନ୍ତି ଓ ସହାବସ୍ଥାନର କଥା କହି ଆସିଛି। ଅନ୍ୟ ଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ସମ୍ମାନ ଦେବା ଆମ ବୈଦେଶିକ ନୀତିର ଅଭିନ୍ନ ଅଙ୍ଗ ହୋଇ ଆସିଛି। କିନ୍ତୁ ତାହା ସତ୍ତ୍ୱେ ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଓ ରାଷ୍ଟ୍ରପତି ଏବଂ ତାଙ୍କ ସ୍ତ୍ରୀଙ୍କ ଅପହରଣକୁ ଭାରତ ନିନ୍ଦା କରିନାହିଁ। ଭେନେଜୁଏଲା ଉପରେ ଆକ୍ରମଣ କୌଣସି ବିଚ୍ଛିନ୍ନ ଘଟଣା ନୁହେଁ। ଏହା ନିଜର ଦୁର୍ବଳ ହୋଇଯାଇଥିବା ଆଧିପତ୍ୟ ପୁନଃ ପ୍ରତିଷ୍ଠା କରି ଅର୍ଥନୈତିକ ସଙ୍କଟ ଦୂର କରିବାକୁ ଆମେରିକୀୟ ସାମ୍ରାଜ୍ୟବାଦର ଏକ ସୁନିଯୋଜିତ କୌଶଳ। ଟ୍ରମ୍ପ କ୍ଷମତାକୁ ଆସିବା ପରେ ନିଜ ଦେଶର କମ୍ପାନୀଗୁଡ଼ିକ ପାଇଁ ବିଭିନ୍ନ ଦେଶର ବଜାରକୁ ସମ୍ପୂର୍ଣ୍ଣ ଭାବେ ଖୋଲିଦେବାକୁ ଚାପ ପକାଇବାକୁ ଶୁଳ୍କ ଯୁଦ୍ଧକୁ ଆରମ୍ଭ କରିଛନ୍ତି। ଭାରତର ବଜାର ବିଶେଷ କରି ଆମର କୃଷି ଓ ଦୁଗ୍ଧ ଉତ୍ପାଦର ବଜାରକୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଖୋଲିଦେବାକୁ ଭାରତ ସରକାରଙ୍କୁ ବାଧ୍ୟ କରିବାକୁ ବର୍ତ୍ତମାନ ୫୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଶସ୍ତା ତେଲ ନ ଆଣିବା ପାଇଁ ଲଗାତର ଚାପ ପ୍ରୟୋଗ କରି ଆସିଛନ୍ତି। ନିକଟରେ ଭେନେଜୁଏଲା ଆକ୍ରମଣ ପରେ ପୁଣିଥରେ ଟ୍ରମ୍ପ୍ ଭାରତକୁ ରୁଷିଆରୁ ତେଲ ଆମଦାନୀ ନ କରିବାକୁ ଚେତାବନୀ ଦେଇଛନ୍ତି। ଯଦି ତେଲ ଆମଦାନୀ ଅବ୍ୟାହତ ରହେ ତାହେଲେ ଖୁବ୍ ଶୀଘ୍ର ଭାରତ ବିରୋଧରେ ବାଣିଜ୍ୟ ଶୁଳ୍କକୁ ବର୍ତ୍ତମାନର ୧୦୦% କରି ଦିଆଯିବ ବୋଲି ଧମକ ଦେଇଛନ୍ତି। ଏଭଳି ସାମ୍ରାଜ୍ୟବାଦୀ ଧମକ ଓ ଚାପ ଆଗରେ ମୁଣ୍ଡ ନ ନୁଆଁଇ ଭାରତ ସରକାର ନିଜ ସ୍ୱାର୍ଥରେ ଦୃଢ଼ତାର ସହିତ ନୀତି ଗ୍ରହଣ କରିବା ଦରକାର।

ଭାରତ ଐତିହାସିକ ଭାବେ ଗୋଷ୍ଠୀ ନିରପେକ୍ଷ, ଆନ୍ତର୍ଜାତିକ ଆଇନ ଓ ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱର ପକ୍ଷରେ ମତ ପ୍ରକାଶ କରିଆସିଛି। ଯଦି ଆଜି ଭାରତ ସତରେ ଏକ ଦାୟିତ୍ୱଶୀଳ ବିଶ୍ୱ ଶକ୍ତି ହେବାକୁ ଚାହେଁ, ତାହେଲେ କିଛି କଥାରେ ସ୍ପଷ୍ଟ ଅଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ। ପ୍ରଥମତଃ, କୌଣସି ଦେଶର ରାଷ୍ଟ୍ରପତିଙ୍କୁ ବଳପୂର୍ବକ ଗିରଫ କରିବା ଆନ୍ତର୍ଜାତିକ ଆଇନ ବିରୋଧୀ, ଏହି କଥାକୁ କହିବାର ସାହସ ଦେଖାଇବାକୁ ପଡ଼ିବ। ଦ୍ୱିତୀୟତଃ, ଶାନ୍ତିର ଆହ୍ୱାନ କେବଳ କୂଟନୈତିକ ବିବୃତିରେ ସୀମିତ ରହିଲେ ଚଳିବ ନାହିଁ। ଅନ୍ୟାୟ ବିରୋଧରେ ନୈତିକ ଅବସ୍ଥାନ ନେବା ହିଁ ପ୍ରକୃତ ଶାନ୍ତିର ପଥ। ତୃତୀୟତଃ, ଆଜି ଭେନେଜୁଏଲା ଏବଂ ଆସନ୍ତାକାଲି ଅନ୍ୟ କୌଣସି ବିକାଶଶୀଳ ଦେଶ ଆମେରିକାର ସାମ୍ରାଜ୍ୟବାଦୀ ଯୁଦ୍ଧର ଶିକାର ହେବା ପରୋକ୍ଷରେ ଭାରତର ନିଜ ସୁରକ୍ଷା ପାଇଁ ମଧ୍ୟ ବିପଜ୍ଜନକ ହେବ। ଭେନେଜୁଏଲାର ଘଟଣା କେବଳ ଗୋଟିଏ ଦେଶର ସଙ୍କଟ ନୁହେଁ, ଏହା ସାରା ବିଶ୍ୱର ଶାନ୍ତି ଓ ସ୍ଥିରତା ପାଇଁ ଏକ ବଡ଼ ପ୍ରଶ୍ନ। ଯଦି ବିଶ୍ୱରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କୂଟନୀତି ବଦଳରେ ଶକ୍ତି ହିଁ ସବୁଠାରୁ ଶେଷ କଥା ହେବ, ତାହେଲେ ଆଇନ, ନୈତିକତା ଓ ସାର୍ବଭୌମତ୍ୱର କ'ଣ ମୂଲ୍ୟ ରହିବ ?

## ବୁଲା କୁକୁର ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

# ପ୍ରତ୍ୟେକ ଘଟଣାରେ ଦେବାକୁ ହେବ କ୍ଷତିପୂରଣ



ନୂଆଦିଲ୍ଲୀ: ବୁଲା କୁକୁର ସମ୍ପର୍କିତ ମାମଲାରେ ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ୍ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ଅବସରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, କୁକୁର କାମୁଡ଼ା ଯୋଗୁ ମୃତ୍ୟୁବରଣ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଭାରି କ୍ଷତିପୂରଣ ଲାଗୁ କରାଯିବ। ସେହିପରି କୁକୁର କାମୁଡ଼ାର ପ୍ରଭାବ ଜୀବନବ୍ୟାପୀ ରହିଥାଏ, ତେଣୁ ଆକ୍ରମଣ ପାଇଁ କୁକୁରଙ୍କୁ ଖାଦ୍ୟ ଦେଉଥିବା ଲୋକଙ୍କୁ ମଧ୍ୟ ଦାୟୀ କରାଯିବ। ଏହି ପରିପ୍ରେକ୍ଷୀରେ ଖଣ୍ଡପୀଠ ବୁଲା କୁକୁରମାନଙ୍କୁ ଯେଉଁଠି ସେଇଠି ଖାଦ୍ୟ ଦେଉଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ କଡା ଶବ୍ଦରେ ଭର୍ତ୍ସନା କରିଛନ୍ତି। ଖଣ୍ଡପୀଠ କହିଛନ୍ତି 'ଯେଉଁମାନେ ବୁଲା କୁକୁରଙ୍କ ପ୍ରତି ମାତ୍ରାଧିକ ସ୍ନେହ ତଥା ବ୍ୟସ୍ତତା ଅନୁଭବ କରୁଛନ୍ତି, ସେମାନେ ଏହି ପ୍ରାଣୀମାନଙ୍କୁ ପୋଷ୍ୟ ଜନ୍ତୁ ଭାବେ ନିଜ ଘରକୁ ନେଇଯିବା ଉଚିତ୍। କୁକୁରମାନଙ୍କୁ ଖାଦ୍ୟ ଦେଉଥିବା ଲୋକଙ୍କ ଭାବନା କେବଳ କୁକୁରମାନଙ୍କ ପ୍ରତି ରହିବା ଦରକାର, ମଣିଷମାନଙ୍କ ପ୍ରତି ନୁହେଁ।' ସୁପ୍ରିମକୋର୍ଟ ଜାନୁଆରୀ ୨୦, ୨୦୨୬ରେ ଅପରାହ୍ନ ୨ଟାରେ ପରବର୍ତ୍ତୀ ଶୁଣାଣି କରିବେ ବୋଲି ତାରିଖ ଧାର୍ଯ୍ୟ କରିଛନ୍ତି। ବୁଲା କୁକୁରଙ୍କ ଦୌରାତ୍ମ୍ୟକୁ ନେଇ ଆଜି ହୋଇଥିବା ଶୁଣାଣି ବେଳେ ସୁପ୍ରିମକୋର୍ଟଙ୍କ କଡା ଆଭିମୁଖ୍ୟ ଦେଖିବାକୁ ମିଳିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇ ଖଣ୍ଡପୀଠ କହିଛନ୍ତି, ଏହି ମାମଲାରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥାଏ ତେବେ କୁକୁର କାମୁଡାରେ ଯେଉଁ ମାନେ ଆହତ ହେଉଛନ୍ତି କିମ୍ବା ଯେଉଁମାନେ ମୃତ୍ୟୁବରଣ କରୁଛନ୍ତି, ସେମାନଙ୍କ ପରିବାରକୁ ସରକାର କ୍ଷତିପୂରଣ ଦେବେ। ଏଥିସହ କୁକୁର କାମୁଡାରେ ଯେଉଁମାନେ ଜୀବନବ୍ୟାପୀ ସମସ୍ୟା ଭୋଗୁଛନ୍ତି ସେମାନଙ୍କ ପ୍ରତି ମଧ୍ୟ ସରକାର ଦାୟିତ୍ୱବାନ ରହିବେ। ଶୁଣାଣି ସମୟରେ ଖଣ୍ଡପୀଠ କହିଛନ୍ତି ଯେ, କୁକୁର ଆକ୍ରମଣ ପାଇଁ ଉତ୍ତରଦାୟିତ୍ୱ କେବଳ ଅଧିକାରୀଙ୍କ ପାଇଁ ନୁହେଁ ବରଂ ସେମାନଙ୍କୁ ଖାଦ୍ୟ ଦେଉଥିବା ଲୋକଙ୍କ ପାଇଁ ମଧ୍ୟ ସ୍ଥିର କରାଯିବ। ହସ୍ପିଟାଲ, ରେଳ ଷ୍ଟେଶନ, ବସ୍ ଡିପୋ ଏବଂ ଶିକ୍ଷାନୁଷ୍ଠାନ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକୁ କୁକୁର ଆଶ୍ରୟସ୍ଥଳ ଭାବରେ ବ୍ୟବହାର କରାଯାଇପାରିବ ନାହିଁ। ବୁଲା କୁକୁର ଆକ୍ରମଣରେ ଶିଶୁ, ବୟସ୍କ ବ୍ୟକ୍ତିବିଶେଷ ମାତ୍ରାଧିକ ପ୍ରଭାବିତ ହେଉଛନ୍ତି। ତେବେ ଏଣିକି ଏପ୍ରକାର ଘଟଣା ସାମ୍ନାକୁ ଆସିଲେ ସୁପ୍ରିମକୋର୍ଟ ସରକାରଙ୍କୁ ପ୍ରତ୍ୟେକ କୁକୁର କାମୁଡ଼ା ଘଟଣା ପାଇଁ ଯଥେଷ୍ଟ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେବାକୁ ବାଧହେବେ। ସେହିପରି ଯେଉଁମାନେ କୁକୁରମାନଙ୍କୁ ଖାଦ୍ୟ ଦିଅନ୍ତି ସେମାନଙ୍କୁ ମଧ୍ୟ ଦାୟୀ କରାଯିବ।

## ଇ-କମର୍ସ ପ୍ଲାଟଫର୍ମଗୁଡ଼ିକୁ ନିର୍ଦ୍ଦେଶ: ପ୍ରତ୍ୟାହାର କର '୧୦ ମିନିଟ୍‌ରେ ଡେଲିଭରି ପ୍ରତିଶ୍ରୁତି'

ନୂଆଦିଲ୍ଲୀ: ବ୍ଲିଙ୍କ୍‌ଇଟ୍, ସ୍ୱିଗି, ଜୋମାଟୋ ଭଳି ଇ-କମର୍ସ ପ୍ଲାଟଫର୍ମଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ କଡା ନିର୍ଦ୍ଦେଶ ଦିଆଯାଇଛି। ଏଣିକି ଇ-କମର୍ସ ପ୍ଲାଟଫର୍ମଗୁଡ଼ିକ ଆଉ ୧୦ ମିନିଟରେ ଡେଲିଭରୀ ପ୍ରତିଶ୍ରୁତିର ବିଜ୍ଞାପନ ଦେଇପାରିବେ ନାହିଁ। ସୁତରାଂ ଏପ୍ରକାର ପ୍ରତିଶ୍ରୁତିଯୁକ୍ତ ବିଜ୍ଞାପନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏସମ୍ପର୍କରେ କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ସୂଚନା ଦେଇ କହିଛନ୍ତି ଯେ, ଏଣିକି କୌଣସି ଇ-କମର୍ସ ପ୍ଲାଟଫର୍ମଗୁଡ଼ିକ ୧୦ ମିନିଟ୍‌ରେ ଡୋର ଷ୍ଟେପ୍ ଡେଲିଭରି ସୁବିଧା ପ୍ରଦାନ କରିବାକୁ ନିଜ ଗ୍ରାହକଙ୍କୁ ପ୍ରତିଶ୍ରୁତି ଦେଇପାରିବେ ନାହିଁ। କାରଣ ଏପ୍ରକାର ଧାର୍ଯ୍ୟ ସମୟ ମଧ୍ୟରେ ଡେଲିଭରି କରିବା ଡେଲିଭରି ବୟଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ସୀମିତ ସମୟ ମଧ୍ୟରେ ଡେଲିଭରି ପ୍ରତିଶ୍ରୁତି ଦିଆଯିବା ଦ୍ୱାରା ଡେଲିଭରି କରୁଥିବା ପୁଅ/ଝିଅଙ୍କ ଉପରେ ଏକ ଅଦୃଶ୍ୟ ଚାପ ସୃଷ୍ଟି ହେଉଛି। ଯାହାଫଳରେ ଫଳରେ ଏମାନେ ନିଜ ଜୀବନକୁ ବିପନ୍ନ କରି ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ସୁତରାଂ ଡେଲିଭରି କର୍ମଚାରୀଙ୍କ ସୁରକ୍ଷା ଏବଂ ଉନ୍ନତ କାର୍ଯ୍ୟ ପରିସ୍ଥିତିକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ତେବେ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଏଣିକି ଆଉ ଡେଡଲାଇନ୍ ଭିତରେ ଆଉ ବାନ୍ଧି ହୋଇ ରହିବେନି ଡେଲିଭରି ବୟ୍, ଯାହାକି ସେମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି।

ବିଭିନ୍ନ ଇ-ପ୍ଲାଟଫର୍ମ ପ୍ରତିନିଧିଙ୍କ ସହ ମାଣ୍ଡଭୀୟ ବୈଠକ କରିଥିଲେ। ଏହି ସମୟରେ ଡେଲିଭରୀ ଏଜେଣ୍ଟମାନଙ୍କ ସୁରକ୍ଷା ଉପରେ ସେ ଗୁରୁତ୍ୱ ଦେବାକୁ ସବୁ କମ୍ପାନୀକୁ କହିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ନିଜ ନିଜ ୧୦ ମିନିଟ୍‌ରେ ଡେଲିଭରି ପ୍ରତିଶ୍ରୁତିକୁ ବନ୍ଦ କରିବାକୁ ରାଜି ହୋଇଛନ୍ତି। ତେବେ ବ୍ଲିଙ୍କିଟ ଏହି ପରିବର୍ତ୍ତନକୁ ତୁରନ୍ତ କାର୍ଯ୍ୟକାରୀ କରିଛି, ଯେତେବେଳେ ଅନ୍ୟ କମ୍ପାନୀଗୁଡ଼ିକ ଖୁବ ଶୀଘ୍ର ଏହା ଅନୁସରଣ କରିବେ ବୋଲି ଆଶା କରାଯାଉଛି। ଡେଲିଭରି ସମୟକୁ ନେଇ ଚାଲିଥିବା ପ୍ରତିଯୋଗିତାକୁ ନେଇ ଡେଲିଭରି ବୟମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ନଜରକୁ ଆସୁଛି। ପ୍ରକାଶ, ଗତ ଡିସେମ୍ବର ୨୫ରେ ଡେଲିଭରି ଏଜେଣ୍ଟଙ୍କ ୟୁନିୟନ ପକ୍ଷରୁ ଉପଯୁକ୍ତ ପ୍ରାପ୍ୟ ଓ ସାମାଜିକ ସୁରକ୍ଷା ସୁବିଧା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରକାଶ, ଗିଗ୍ ଶ୍ରମିକଙ୍କ ଏପ୍ରକାର ସମସ୍ୟାକୁ ନେଇ ସର୍ବପ୍ରଥମେ ସ୍ୱର ଉଠାଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସାଂସଦ ରାଘବ ଚଡ୍ଢା କେନ୍ଦ୍ରର ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

## ପ୍ରତି ଦଶନ୍ଧିରେ ହ୍ରାସ ପାଉଛି ହିନ୍ଦୁ ଜନସଂଖ୍ୟା

ନୂଆଦିଲ୍ଲୀ: ପ୍ରତି ଦଶନ୍ଧିରେ ହିନ୍ଦୁ ଜନସଂଖ୍ୟାର ଦଶନ୍ଧି ଗତ ଅଭିବୃଦ୍ଧି ହାର ହ୍ରାସ ପାଇବାରେ ଲାଗିଛି। ଦେଶର ଜଣେ ଜଣାଶୁଣା ସାମ୍ବାଦିକ ତଥା ବିଜେପି ଜାତୀୟ ପ୍ରବକ୍ତା ପ୍ରଦୀପ ଭଣ୍ଡାରୀ ୪୦୦ ଲୋକସଭା ନିର୍ବାଚନମଣ୍ଡଳୀରେ ଏହାର ଏକ ବିସ୍ତୃତ, ଜନସଂଖ୍ୟାଗତ ଡାଞ୍ଚା ପ୍ରକାଶ କରିଥିବା ବେଳେ ଏପ୍ରକାର ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଶ୍ରୀ ଭଣ୍ଡାରୀ ଦର୍ଶାଇଛନ୍ତି ଯେ, ପରିବର୍ତ୍ତନଶୀଳ ଧାର୍ମିକ ଜନସଂଖ୍ୟା କିଭଳି ଭାରତୀୟ ରାଜ୍ୟଗୁଡ଼ିକରେ ନିର୍ବାଚନ ଫଳାଫଳ, ସାମ୍ବିଧାନିକ ଅଧିକାର ଏବଂ ଶାସନ ଢାଞ୍ଚାକୁ ମୌଳିକ ଭାବରେ ପରିବର୍ତ୍ତନ କରୁଛି ତାହା ସେ ଦର୍ଶାଇଛନ୍ତି। ଭଣ୍ଡାରୀ ଏହି ଅବସରରେ ପିଏଫ୍‌ଆଇ ୨୦୪୭ ଏଜେଣ୍ଡାକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ମାଲାପ୍ପୁରମରୁ ଆସାମ ପର୍ଯ୍ୟନ୍ତ ରାଜ୍ୟଗୁଡ଼ିକର ଲୋକସଭା ନିର୍ବାଚନ ମଣ୍ଡଳୀଗୁଡ଼ିକରୁ ସଂଗ୍ରହୀତ ରେକର୍ଡକୁ ପ୍ରମାଣ ଭାବେ ଉପସ୍ଥାପନ କରିଛନ୍ତି। ଭଣ୍ଡାରୀ ପ୍ରଦାନ କରିଥିବା ତଥ୍ୟ ଭିତରେ ହିନ୍ଦୁ ଜନସଂଖ୍ୟା ହ୍ରାସ ହେବାର ମୁଖ୍ୟ କାରଣଗୁଡିକ ମଧ୍ୟରେ ଆତଙ୍କବାଦ ମାମଲା, ହିନ୍ଦୁ ଜନସଂଖ୍ୟା ମୁସଲିମ ଜନସଂଖ୍ୟା ତୁଳନାରେ ଦ୍ରୁତ ଗତିରେ ହ୍ରାସ ପାଇବା, ୩୦ରୁ ୪୦ପ୍ରତିଶତ ମୁସଲିମ ଜନସଂଖ୍ୟା ରାଜନୈତିକ କିଙ୍ଗମେକର ତିଆରି କରିବା, ହିନ୍ଦୁ ସଂଖ୍ୟାଲଘୁ ବନାମ ମୁସଲିମ ସଂଖ୍ୟାଲଘୁରୁ ବହୁସଂଖ୍ୟକ ଧର୍ମାନ୍ତରୀକରଣ ଇତ୍ୟାଦି ରହିଛି।

## ଇରାନ୍ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

ନୂଆଦିଲ୍ଲୀ, ତେହରାନ୍: ଆମେରିକା ପକ୍ଷରୁ ଇରାନ୍ ଉପରେ ଆକ୍ରମଣ ଧମକ ଦିଆଯିବା ପରେ ପରେ ଭାରତ ପକ୍ଷରୁ ସେଠାରେ ରହୁଥିବା ଭାରତୀୟଙ୍କ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଜାରି କରାଯାଇଛି। ଭାରତ ସରକାର ତୁରନ୍ତ ଇରାନ୍ ଛାଡିବାକୁ ପ୍ରବାସୀ ଭାରତୀୟ ନାଗରିକଙ୍କୁ କହିଛନ୍ତି। ଗୋଟିଏ ପଟେ ଇରାନ୍‌ରେ ବଢୁଥିବା ହିଂସକ ପ୍ରତିବାଦ ତଥା ବିକ୍ଷୋଭ ସାଙ୍ଗକୁ ଅନ୍ୟପଟେ ଆମେରିକା ପକ୍ଷରୁ ଇରାନ୍ ଉପରେ କୌଣସି ମୁହୂର୍ତ୍ତରେ ମଧ୍ୟ ଆକ୍ରମଣ ଆଶଙ୍କା କରାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ଇତି ମଧ୍ୟରେ ଏକାଧିକ ଥର ଇରାନ୍ ଉପରେ ଆକ୍ରମଣ କରିବାକୁ ଧମକ ଦେଇସାରିଲେଣି। ଏପ୍ରକାର ସ୍ଥିତିରେ ଇରାନ୍‌ରେ ରହିବା ଉଚିତ୍ ନୁହେଁ ବୋଲି କେନ୍ଦ୍ର ବିଦେଶ ମନ୍ତ୍ରଣାଳୟ ଦର୍ଶାଇଛି।

ଇରାନ୍‌ରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ସେଠାରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଯଥାଶୀଘ୍ର ଦେଶ ଛାଡିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବର୍ତ୍ତମାନ ସମୟରେ ଇରାନ୍ ଯିବା ଆଭିମୁଖ୍ୟରୁ ମଧ୍ୟ ଦୂରେଇ ରହିବାକୁ ମଧ୍ୟ କୁହାଯାଇଛି। ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି ଯେ ସେମାନେ ଇରାନ ଛାଡିବା ପାଇଁ ଯେକୌଣସି ଉପାୟ ବ୍ୟବହାର କରିପାରିବେ। ଅନ୍ୟପକ୍ଷେ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ତେହେରାନରେ ଥିବା ଭାରତୀୟ ଦୂତାବାସ ସ୍ପଷ୍ଟ କରିଛି ଯେ ଇରାନରେ ଉପସ୍ଥିତ ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକମାନେ ଯଥାଶୀଘ୍ର ବିମାନ କିମ୍ବା ଅନ୍ୟ ଉପାୟରେ ଚାଲିଯିବା ଉଚିତ୍। ଏତଦ୍‌ବ୍ୟତୀତ ଦୂତାବାସ ନାଗରିକମାନଙ୍କୁ ପ୍ରଦର୍ଶନ କିମ୍ବା ଭିଡ଼ ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି। ଭାରତୀୟ ଦୂତାବାସ ମଧ୍ୟ ସଙ୍କଟରେ ଥିବା ଭାରତୀୟମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଅନେକ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଜାରି କରିଛି।

## ଭାରତରେ ବଢୁଛି ବେରୋଜଗାରଙ୍କ ସଂଖ୍ୟା

ନୂଆଦିଲ୍ଲୀ: ଦେଶରେ ବେରୋଜଗାର ଯୁବପିଢ଼ିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରି ଏକ ତଥ୍ୟ ସରକାରୀ ସର୍ଭେ ରିପୋର୍ଟରୁ ସାମ୍ନାକୁ ଆସିଛି। ସରକାରୀ ସର୍ଭେ ଅନୁସାରେ ଗତ ଡିସେମ୍ବର ୨୦୨୫ରେ ଭାରତର ବେକାରୀ ହାର ସାମାନ୍ୟ ବୃଦ୍ଧି ପାଇ ୪.୮%ରେ ପହଞ୍ଚିଛି। ଏହାର ଅର୍ଥ ହେଉଛି କାମ ଖୋଜୁଥିବା ୧୫ବର୍ଷ ଏବଂ ଏହାଠାରୁ ଅଧିକ ବୟସର ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ପ୍ରାୟ ୫ ଜଣ କର୍ମ ନିଯୁକ୍ତି ପାଇବାରେ ବିଫଳ ହୋଇଛନ୍ତି। ତେବେ ଗତ ନଭେମ୍ବରରେ ଏହି ହାର ୪.୭% ରହିଥିଲା। ଅର୍ଥାତ୍ ମାସକ ମଧ୍ୟରେ ବେକାରୀ ହାର ପ୍ରାୟ ୦.୧% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ତେବେ ଏହି ତଥ୍ୟ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ପିରିୟଡିକ୍ ଲେବର ଫୋର୍ସ ସର୍ଭେ (ପିଏଲ୍‌ଏଫ୍‌ଏସ୍)ରୁ ଆସିଛି। ଏହି ସର୍ଭେରୁ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ବେକାରୀ ହାର ଅଧିକ ଥିବା ଭଳି ଆଉ ଏକ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି।

ରହୁଥିବା ସ୍ଥାନ ଆଧାରରେ ନିଯୁକ୍ତି ପରିସ୍ଥିତି ସାମାନ୍ୟ ଭିନ୍ନ ରହିଥାଏ। ଏହି ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ, ବେକାରୀ ହାର ପ୍ରାୟ ସମାନ ରହିଥିଲା, ୩.୯%। କିନ୍ତୁ ସହରଗୁଡ଼ିକରେ, ଏହା ୬.୫% ରୁ ୬.୭%କୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଅଧିକ ଲୋକ କାମ କରୁଛନ୍ତି। ମୋଟ ଜନସଂଖ୍ୟାର ପ୍ରତିଶତ ଭାବରେ ନିଯୁକ୍ତି ପାଇଥିବା ଲୋକଙ୍କ ସଂଖ୍ୟାକୁ ଶ୍ରମିକ ଜନସଂଖ୍ୟା ଅନୁପାତ (ଡବ୍ଲ୍ୟୁପିଆର୍) କୁହାଯାଏ। ଡିସେମ୍ବରରେ ଏହି ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ, ଅଧିକ ପୁରୁଷ ନିଯୁକ୍ତି ପାଇଥିଲେ (ଡିସେମ୍ବରରେ ୭୬% ତୁଳନାରେ ନଭେମ୍ବରରେ ୭୫.୪%)। ତଥାପି, ସହରଗୁଡ଼ିକରେ, ନିଯୁକ୍ତି ପାଇଥିବା ପୁରୁଷଙ୍କ ପ୍ରତିଶତ ସାମାନ୍ୟ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ଅଧିକ ମହିଳା ମଧ୍ୟ କାମ ଖୋଜୁଛନ୍ତି।

## ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ପ୍ରଦାନ କଲେ ଭେନେଜୁଏଲା ବିରୋଧୀ ନେତ୍ରୀ

ୱାଶିଂଟନ୍: ହ୍ୱାଇଟ୍ ହାଉସ ଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋ। ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ଗିରଫଦାରୀ ଘଟଣା ପରେ ଏହା କୌଣସି ଭେନେଜୁଏଲାର ନେତାଙ୍କ ସହ ଟ୍ରମ୍ପ୍‌ଙ୍କର ପ୍ରଥମ ଫେସ୍ ଟୁ ଫେସ୍ ସାକ୍ଷାତକାର। ତେବେ ଟ୍ରମ୍ପ୍‌ଙ୍କୁ ସାକ୍ଷାତ କରିବା ଅବସରରେ ମାଚାଡୋ ଟ୍ରମ୍ପଙ୍କୁ ତାଙ୍କ ନୋବେଲ ଶାନ୍ତି ପୁରସ୍କାର ପଦକ ପ୍ରଦାନ କରିଛନ୍ତି। ଏସମ୍ପର୍କରେ ସୂଚନା ଦେଇ ମାଚାଡୋ କହିଛନ୍ତି, "ମୁଁ ଭାବୁଛି ଆଜି ଆମ ଭେନେଜୁଏଲାରବାସୀଙ୍କ ପାଇଁ ଏକ ଐତିହାସିକ ଦିନ। ଆମେ ସମସ୍ତେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବିଶ୍ୱାସ କରିପାରିବା। ସେ (ଟ୍ରମ୍ପ) ବିଶ୍ୱ ଶାନ୍ତି ଦିଗରେ କାମ କରୁଛନ୍ତି।" ସେହିପରି ହ୍ୱାଇଟ୍ ହାଉସ୍ ବାହାରେ ଆମେରିକୀୟ ଗଣମାଧ୍ୟମଙ୍କ ପ୍ରଶ୍ନର ଉତ୍ତରରେ ମାଚାଡୋ କହିଛନ୍ତି, ସେ ଦୀର୍ଘ ସମୟ ଧରି ମାଦୁରୋଙ୍କ ବିରୋଧରେ ସଂଗ୍ରାମ କରିଆସୁଛନ୍ତି। ତେବେ ଏବେ ଟ୍ରମ୍ପ ପ୍ରଶାସନ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ତାଙ୍କୁ ସମର୍ଥନ କରିବେ ବୋଲି ସେ ଆଶା କରୁଛନ୍ତି। ଭେନେଜୁଏଲାର ସ୍ୱାଧୀନତା ପ୍ରତି ଟ୍ରମ୍ପଙ୍କ ଅଦ୍ୱିତୀୟ ପ୍ରତିବଦ୍ଧତାର ସମ୍ମାନ ସ୍ୱରୂପ ସେ ଏହି ପଦକ ଉପହାର ଦେଇଥିବା ମାଚାଡୋ ପ୍ରକାଶ କରିଛନ୍ତି।

# ମୁଇଁ ନ କଏ



**ଦିଗମ୍ବର ବେହେରା**

ସେଦିନ ଥାଏ ଜାନୁଆରୀ ମାସର ପ୍ରଥମ ଶୁକ୍ରବାର। ମାଲକାନଗିରି ଜିଲ୍ଲା ସଦର ମହକୁମା ଠାରୁ କିଛିଦୂର ଏକ ଛୋଟ ଗାଁ ଏରାକୁସୁମୀ, ସେଇଗାଁ କୁ ଆମେ କୌଣସି ଏକ ସରକାରୀ କାମରେ ଯାଇଥାଉ। ସକାଳ ଆଠଟାରୁ ଅପରାହ୍ନ ତିନିଟା ପର୍ଯ୍ୟନ୍ତ ଅପେକ୍ଷା କଲୁ, କୌଣସି ଲୋକଙ୍କ ଦେଖା ପାଇଲୁନି। କିଏ ଜଣେ ଦୁଇଜଣ ଲୋକ ଥିଲେ ସେମାନେ କହିଲେ ଲୋକମାନେ ଜଙ୍ଗଲକୁ କାଠ, ଲାଖ, ଝୁଣା, ମହୁ, ପତ୍ର ଆଦି ସଂଗ୍ରହ ପାଇଁ ଯାଇଛନ୍ତି। ସନ୍ଧ୍ୟା ପରେ ଆସିବେ। ଆମେ ଅଗତ୍ୟା କୌଣସି ଉପାୟ ନ ପାଇ ଫେରିଆସିଲୁ। ସନ୍ଧ୍ୟା ଛଅଟା ପରେ ପୁଣି ସେଇ ଗାଁକୁ ଗଲୁ। ଶୀତୁଆ ସନ୍ଧ୍ୟା, ଆଦିବାସୀ ଗାଁ। ଗାଁର ପ୍ରଥମ ଭାଗର ପ୍ରଥମ ଘରୁ ଦେଖିବାକୁ ପାଇଲୁ କିଛି ନିଆରା ଦୃଶ୍ୟ। ପିଲା ଠାରୁ ବୃଦ୍ଧ ସମସ୍ତେ ଘର ବାହାରେ ଗୋଲାକାର ହେଇ ବସିଛନ୍ତି। ସବୁ ଘରେ ପ୍ରାୟ ଏମିତି ଦୃଶ୍ୟ ଦେଖିବାକୁ ମିଳିଲା। ଲୋକ ମାନଙ୍କ ପାଖକୁ ଯାଇ ଯାହା ଦେଖିଲୁ କେହି ସହଜରେ ନିଜ ଆଖିକୁ ବିଶ୍ୱାସ କରିପାରିବେନି। ପାହାଡ଼ ତଳ ଗାଁ,ଏତେ ଶୀତ ହେଉଥାଏ ଯେ ଆମ ଲୋମ ଟାଙ୍କୁରି ଉଠୁ ଥାଏ। ସେ ଲୋକ ମାନଙ୍କ ଶରୀରରେ ଶରୀର ଢାଙ୍କିବା ପାଇଁ କେବଳ ଗୋଟିଏ ଅଙ୍ଗ ବସ୍ତ୍ର ଛଡା ଆଉ କିଛି ନଥାଏ। ସମସ୍ତେ ଅଗଣାରେ କାଠ ଜଳେଇ ସେଇ ଧୂନି ପାଖରେ ଏକାଠି ହେଇ ନିଜକୁ ଶୀତର ପ୍ରକୋପରୁ ରକ୍ଷା କରୁଥିଲେ। ଜଙ୍ଗଲରୁ ସଂଗ୍ରହ କରିଥିବା ମୋଟା ମୋଟା ଶୁଖିଲା କାଠକୁ ନିଆଁ ଜଳେଇବା ସହ ସେଥିରେ ଜଙ୍ଗଲରୁ ସଙ୍ଗୃହିତ ଝୁଣା ଓ କେତେକ ଶୁଖିଲା ପତ୍ର ଦିଆହେଉଥାଏ। ଅଗ୍ନି ସିତରୁ ରକ୍ଷା ଦେଉଥାଏ, ଝୁଣା ଓ ଶୁଖିଲା ପତ୍ର ମଶାକୁ ଦୂରେଇଦିଏ। ଗାଁ ର ସମସ୍ତଙ୍କ ଘରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଲା।

କେତେ ଘର ଘୁରି ବୁଲି ଯାଇ ଆମେ ପହଞ୍ଚିଲୁ ସୁନାଦେଇ ଘରେ। ସମୟ ପ୍ରାୟ ସନ୍ଧ୍ୟା ସାତଟା ହବ। ଅନ୍ଧାର ରାତି। କାହାକୁ କିଛି ଦେଖାଯାଉନଥାଏ। ଆମ ସହ ଶୁଭେନ୍ଦୁ ବାଟକଢ଼େଇ ନେଇ ଯାଉଥାନ୍ତି। ଶୁଭେନ୍ଦୁ ସେଇ ଗାଁର ପାଖ ଗାଁରେ ରୁହନ୍ତି। ସେ ଗାଁର ଲୋକ ମାନଙ୍କୁ ବେଶ ଭଲ ଭାବେ ଜାଣନ୍ତି। ଲୋକ ମାନଙ୍କ ସୁଖ ଦୁଃଖରେ ସାଥୀ ହୁଅନ୍ତି। ପରବପୁନେଇଁରେ ସେମାନଙ୍କ ସହ ସାଥୀ ହେଇ ନାଚଗୀତରେ ସାମିଲ ହୁଅନ୍ତି ଓ ମହୁଲି ପିଇ ବେଳେ ବେଳେ ମତୁଆଲା ବି ହେଇଯାନ୍ତି। ସେ ଲୋକମାନେ ଶୁଭେନ୍ଦୁଙ୍କୁ ବହୁତ ଭଲ ପାଆନ୍ତି। ସୁନାଦେଇ ଘରକୁ ବାଟ ଦେଖାଇ ଆଗେ ଆଗେ ଚାଲି ଥାଆନ୍ତି ଶୁଭେନ୍ଦୁ। ଆମକୁ କିଛି ଦେଖାଯାଉନଥାଏ, ମୋବାଇଲ ଫ୍ଲାସ ଲାଇଟ ଜଳେଇ ଚାଲିଥାଉ ଶୁଭେନ୍ଦୁଙ୍କ ପଛେ ପଛେ। ଶୁଭେନ୍ଦୁ ସୁନାଦେଇକୁ କହିଲେ : ଡକରି କାଏ କରଲୁସନି, ବାବୁ ଆଜ୍ଞା ମାନେ ଆଇଲା ଆସେ। ଆମେ କିଛି ବୁଝିପାରିଲୁନି। ସୁନାଦେଇ ଆମକୁ ତା ପରିବାର ର ତଥ୍ୟ ଦେଉଥାଏ। ଏଇସମୟରେ ଜଣେ ବୁଢା ଲୋକ ଆସିଲେ। ମୁଁ ତାଙ୍କୁ ପଚାରିଲି ଆପଣଙ୍କ ନାମ କ'ଣ? ବୁଢା ଟି ମୋ ମୁହଁକୁ ଭଲସେ ଅନେଇଲା। କିଛି କ୍ଷଣ ନୀରବ ରହି କହିଲା ମୁଇଁ ନ କଏ। ମୁଁ ପୁଣି ଥରେ ପଚାରିଲି ତୁମ ନାମ କ'ଣ? ସେ ପୁଣି କହିଲା ମୁଇଁ ନ କଏ। ଆଉ ଘର ଭିତର ଆଡକୁ ଯିଆବାକୁ ପାଦ ବଢେଇଲା। ଏଇ ସମୟରେ ଶୁଭେନ୍ଦୁ ଆସିଲେ। ସେ ବୁଢାକୁ କଅଣ ଗୋଟେ କହିଲେ ମୁଁ ବୁଝିପାରିଲିନି, ଆଉ ବୁଢା ଟିକେ ହସିଦେଲା। ଶୁଭେନ୍ଦୁ ମଧ ହସିଦେଇ ବୁଢା ସହ ଟିକେ ନାଚିଦେଲେ ଓ କହିଲେ ତର କାଇ ନାଁ ଡକରା? ବୁଢା ହସିଦେଇ କହିଲା ତୁଇ ନଜାନୁସ କି? ଶୁଭେନ୍ଦୁ କହିଲେ କହିବାକୁ, ସେ ତା ନାମ କହିଲା। ଆମେ ଆଶ୍ଚର୍ଯ୍ୟ ହୋଇଗଲୁ। ଶୁଭେନ୍ଦୁ ଆହୁରି କ'ଣ ପଚାରିଲେ। ବୁଢା ସବୁ କଥା ଶୁଭେନ୍ଦୁଙ୍କୁ କହିଲା। ହାତରେ କ'ଣ ଧରିଥିଲା ଶୁଭେନ୍ଦୁଙ୍କୁ ଦେଲା। ମୁଁ ଭଲକି ଦେଖିଲି, ଶିଆଳି ପତ୍ରରେ ବନ୍ଧା ହେଇଥାଏ ଏକ ଛୋଟ ପୁଡ଼ିଆ। ପୁଡ଼ିଆଟି ଖୋଲି ତା ଭିତରୁ ବାହାର କଲା ଛୋଟ ଛୋଟ ମାଛର ପତ୍ରପୋଡ଼ା। ଆଉ ଆମ ସମସ୍ତଙ୍କୁ ଖାଇବାକୁ ଦେଲା। ମୁଁ ଶୁଭେନ୍ଦୁ ଆଡକୁ ଅନେଇଲି, ଶୁଭେନ୍ଦୁ କହିଲେ ଖାଆନ୍ତୁ ଆଜ୍ଞା କିଛି ଅସୁବିଧା ନାହିଁ, ଭଲ ଲାଗିବ। ମୁଁ ଟିକିଏ ଚାଖିଲି ଭାରି ସୁଆଦିଆ ଲାଗିଲା। ପଚାରିବାରୁ କହିଲେ ଜଙ୍ଗଲ ପାଖ ଝରଣାରୁ ମାଛ ଆଣିଥିଲି ଆଉ ଶିଆଳି ପତ୍ରରେ ଲଙ୍କା ବଟା ପିଆଜ ପତ୍ର ଓ ଜୀରା ଦେଇ ଗୋଳେଇ ପତ୍ରରେ ବାନ୍ଧି ନିଆଁରେ ପୋଡ଼ା ହେଇଥିଲା। ସତରେ ମୋ ପାଟି ସେଇ ସୁଆଦକୁ କେବେବି ଭୁଲି ପାରିବନି।

ଆମ ମନରେ ଗୋଟିଏ କଥା ପ୍ରଶ୍ନ ବାଚି ହେଇ ରହିଥାଏ, ମୁଁ ପଚାରିଲି କିଛି କହିଲେନି କିନ୍ତୁ ଶୁଭେନ୍ଦୁ କଅଣ କହିଲେ ଆଉ ଶୁଭେନ୍ଦୁଙ୍କୁ ସବୁ କଥା କହିଲେ କିପରି? ଏଇ କଥାର ରହସ୍ୟ ମୁଁ ଶୁଭେନ୍ଦୁଙ୍କୁ ପଚାରିଲି। ଶୁଭେନ୍ଦୁ ମୋତେ ଭଲ ଭାବେ ବୁଝେଇଦେଲେ ସେମାନଙ୍କ ସହ ସେ ସବୁଦିନ ମିଶୁଛନ୍ତି ସେମାନଙ୍କ ସୁଖ ଦୁଃଖରେ ସାମିଲ ହେଉଛନ୍ତି , ସର୍ବୋପରି ଶୁଭେନ୍ଦୁଙ୍କୁ ସେମାନେ ଜାଣିଛନ୍ତି ଓ ଶୁଭେନ୍ଦୁ ସେମାନଙ୍କ ଭାଷାରେ କଥା ହେଲେ। ଆମେ ଅଜଣା ବୋଲି ଆମକୁ କିଛି କହିଲେନି। ଡକରି ମାନେ କ'ଣ ବୋଲି ଶୁଭେନ୍ଦୁଙ୍କୁ ପଚାରିବାରୁ ଶୁଭେନ୍ଦୁ ବୁଝେଇଦେଲେ ଦେଶିଆ ଭାଷାରେ ଡକରି ମାନେ ବୁଢ଼ୀ ଓ ଡକରା ମାନେ ବୁଢା।

ସେଇଠୁ ଆମେ ଆସିଲୁ। ଗାଁର ଶେଷ ମୁଣ୍ଡରେ ଗୀତ ବାଦ୍ୟ ବାଜୁଥାଏ, କିଛି ଲୋକ ଗଛ ର ଡାଳ ପତ୍ର ଧରି ନାଚୁଥାନ୍ତି। ସେମାନଙ୍କ ଭିତରେ ଥାଆନ୍ତି ସ୍ତ୍ରୀ ବେଶଧାରୀ କେତେକ ପୁରୁଷ ଲୋକ। ସ୍ତ୍ରୀ ଲୋକ ମାନେ ପାଖରେ ଛିଡାହେଇ ନାଚ ଗୀତ କୁ ବେଶ ଉପଭୋଗ କରୁଥାନ୍ତି। ଆମେ କିଛି ସମୟ ପାଇଁ ସେଇଠି ଅଟକି ଗଲୁ। ଏଇ ନାଚ ଗୀତକୁ ଉପଭୋଗ କରିବାକୁ। ମୁଁ ମୋ ପକେଟ ଭିତରୁ ମୋବାଇଲଟି ବାହାରକଲି ଚିତ୍ର ଉତ୍ତଳନ କରିବା ପାଇଁ। ଏଇସମୟରେ ଜଣେ ଲୋକ ମୋ ହାତକୁ ଗୋଟିଏ ମୃଦୁପନୀୟ ବୋତଲ ବଢେଇଦେଲେ। ମୁଁ କିଛି ବୁଝିପାରିଲିନି ବୋତଲଟି ହାତରେ ଧରିନେଲି। ତାଙ୍କୁ ପଚାରିଲି କ'ଣ ପାଇଁ ଏମିତି ନାଚଗୀତ? ସେ ମୋ ମୁହଁକୁ ଅନେଇଲା ଓ କହିଲା ମୁଇଁ ନ କଏ। ସେଇଠୁ ପଳେଇଲା। ମୁଁ ଶୁଭେନ୍ଦୁଙ୍କ ଆଡକୁ ଅନେଇଲି, ହେଲେ ଶୁଭେନ୍ଦୁ ମୋ ପାଖରେ ନଥିଲେ। ଏପଟେ ସେପଟେ ଦେଖି ଖୋଜି ପାଇଲି। ଶୁଭେନ୍ଦୁ ସେଇ ଲୋକମାନଙ୍କ ଭିତରେ ଲୋକମାନଙ୍କ ସହ ମିଶି ନାଚଗୀତରେ ପୁରା ମଶଗୁଲ ହେଇଯାଇଛନ୍ତି। ଶୁଭେନ୍ଦୁଙ୍କ ଇସାରାରେ କେତେଜଣ ଲୋକ ଆସି ମୋତେ ଟାଣିନେଲେ, ମୁଁ ଆଉ ମୋ ପାଦକୁ ଅଟକେଇପାରିଲିନି। ସେଇ ଢେମସା ଗୀତ ଓ ତାଙ୍କୁ ବାଦ୍ୟର ତାଳେ ତାଳେ ପାଦଚଳେଇବାକୁ ଲାଗିଲି। ଲୋକ ମାନଙ୍କର ସରଳତା, ସ୍ନେହ, ନିସ୍ୱାର୍ଥପର ଭଲପାଇବା ଆଗରେ ସତରେ ମୁଁ ନିଜକୁ କେତେବେଳେ ଯେ ସେମାନଙ୍କ ଭିତରେ ହଜେଇଦେଲି ମୁଁ ନିଜେବି ଜାଣିପାରିଲିନି। ଇଚ୍ଛା ହେଉଥିଲା ଆଉ କିଛି ସମୟ ନାଚିବାକୁ, ଝୁମିବାକୁ ସେଇ ନିରୀହ ଲୋକ ମାନଙ୍କ ସହ ପାଦରେ ପାଦ ମିଶେଇ ଆଉ କିଛି ବାଟ ଚାଲିବାକୁ, ଆଉ କିଛି ସମୟ ଝୁମିବାକୁ। ବେଶ ଆନନ୍ଦ ଲାଗିଲା। ଆସିବା ପରେ ଶୁଭେନ୍ଦୁ ମୋତେ ପଚାରିଲେ ଆପଣଙ୍କ ଅନୁଭୂତି କେମିତି ଥିଲା? ମୁଁ କହିଲି ମୁଇଁ ନ କଏ।

ସତରେ ସରଳ, ନିରୀହ, ନିଷ୍କପଟ ସେଇ ଆଦିବାସୀମାନେ ଜଙ୍ଗଲର ସୁରକ୍ଷାକୁ ନିଜ ମୁଣ୍ଡ ଉପରକୁ ନେଇଥାଆନ୍ତି ଆଉ ଆମ ପରିବେଶ କୁ ସବୁଜ ସୁନ୍ଦର ସ୍ୱଚ୍ଛ ରଖିବାର ମୁଖ୍ୟ ଭୂମିକା ନିଭେଇଥାନ୍ତି, ଆଉ ଭଲ ପାଇବା ସ୍ନେହ ଆଦର ଦ୍ୱାରା ସଭିଙ୍କୁ ନିଜର କରିନେଇ ଥାଆନ୍ତି। ଭାଇଚାରାର ଉଦାହରଣ ଏଇଠି ଦେଖିବାକୁ ମିଳେ, ସ୍ନେହ ମମତାର ବନ୍ଧନ ଏଇଠି ଦେଖିବାକୁ ମିଳେ। ଏଇ ମାନଙ୍କ ଠାରୁ ଆମେ ଏତିକି ଶିଖିବା କଥା।

କୁମୁଟିଗୁଡା, ମାଲକାନଗିରି

# ବୋଉ

କେତେ ଭଙ୍ଗାରୁଜା ସ୍ୱପ୍ନ ନେଇ
ଗଢ଼ିବସେ ଘରଟିଏ
ନିଜଠୁ ନିଅଣ୍ଟ କରି
ଡିଆରେ ଆମକୁ
ବୁନ୍ଦାଏ ଅଶ୍ରୁରେ କେବେ
କୁଡ଼ୁବୁଡ଼ୁ ତା' କ୍ଷତାକ୍ତ ଆକାଂକ୍ଷା ସବୁ
ବୋଉ ଗୋଟିଏ ଅସମ୍ପୂର୍ଣ୍ଣ କବିତା
ଅସରନ୍ତି ଗାଉଁଲି ଶବ୍ଦଟେ
ବୋଉ !
ବୋଉ
ଖୁବ୍ ବିଶାଳ ଆକାଶ ପରି
ସଦା ସଫେଦ୍
ସେ ମାଗେନି ତା' ପାଇଁ କିଛି
ଆମ ଆୟୁଷଟା ପାଇଁ
ଆଜୀବନ ଜାଳିବସେ ଦୀପ
ତା' ଭଗବାନ ଆଉ ବିଶ୍ୱାସର ସାଥେ
ବୋଉ ଧାଉଁଥାଏ ସମୟର ସାଥେ
ଜୀବନ ଯୁଦ୍ଧରେ
ଯନ୍ତ୍ରଣାକୁ ଦଳିଚକଟି
ବୋଉ ସଦା ଚୁପଚାପ୍
ତା' ଆଖିର ଲୁହରେ
ଅଲେଖା କବିତା ତାର
ସେ ଫୁଟେ ପୁଣି
ମଉଳେ ସେ ବାରମ୍ବାର
ବୋଉ ଗୋଟେ ଅସମ୍ପୂର୍ଣ୍ଣ କବିତା
ନିତି ହୃଦୟରେ ପୂଜାପାଏ ଯିଏ
ସିଏ ବୋଉ !

***କିରଣ ମନୀଷା ମହାନ୍ତି***
*ରେଞ୍ଜ, ପୁରୀ*

# ଉଡ଼ିଗଲା କି !

କାଉ କୋଇଲି ପରି
ଲୋପ ପାଇଯାଇଛି କି
ମଣିଷତ୍ୱ
ମଣିଷ ସମାଜରୁ।
ଲୋପ ପାଇଗଲା କି
ମାନବିକତା ?
ସହାୟତା, ସହାନୁଭୂତି
ଜଣଙ୍କର ଆଉ ଜଣଙ୍କ ପାଇଁ ।
କିଏ ଏ ପାଇଁ ଦାଇ
ପ୍ରଶାସନ ?
ନା,
ସମାଜ ?
ନା, ନିଜେ ମଣିଷ ସାଜିଛି
ରାକ୍ଷସ
ନିଜ ପାଇଁ।
କାହିଁକି ଏତେ କଠୋରତା
କାହିଁକି ଏତେ ନିଷ୍ଠୁରତା ଭରି ରହିଛି
ମଣିଷର,
ମଣିଷ ସମାଜ ପାଇଁ।
କାହିଁକି ମଣିଷ ଜୀବନ
ସାଜିଛି ମୂଲ୍ୟହୀନ,
ମଣିଷ ପାଇଁ
କାହିଁକି ବିଶ୍ୱାସର ସ୍ଥାନ
ଅଧିକୃତ କରିଛି ଅବିଶ୍ୱାସ,
ମିଛ ପ୍ରଲୋଭନର ସାମ୍ରାଜ୍ୟ
ବଢ଼ି ଚାଲିଛି ଅଗ୍ନି ପ୍ରାୟ।
କିଏ ଏଥୀ ପାଇଁ ଦାୟୀ
ଭଗବାନ,
ନା, ଜୀବଜନ୍ତୁ
ନା,
ମଣିଷ ଶତ୍ରୁ ସାଜିଛି
ମଣିଷ ସମାଜ ପାଇଁ।
କାହିଁକି ମଣିଷ ସମାଜ
ମଣିଷକୁ ବିଶ୍ୱାସ କରିବାକୁ
କ୍ଷମତା ଜୁଟାଇପାରେ ନାହିଁ।
ଅନ୍ୟ ଦୁଃଖରେ
ଦୁଃଖୀ ହେବା ପାଇଁ
ସମୟ କାହିଁ ?
ହୁଏତ ସମୟ ଥାଇପାରେ,
ଅନ୍ୟର ସୁଖ ସୁବିଧା
ଦେଖି ଜଳିବା ପାଇଁ
ପର ନିନ୍ଦା, ପର ଚର୍ଚ୍ଚା ପାଇଁ।
ସେଠି କେମିତି ଖୋଜିବା
ମଣିଷପଣିଆ
ମଣିଷ ସମାଜ ପାଇଁ।
ବାପା କୋକେଇକୁ
ମା' ଜାବୁଡ଼ି କାନ୍ଦେ,
ବିକଳ ହେଇ ଆତ୍ମୀୟଙ୍କୁ ଖୋଜେ
ଆତ୍ମୀୟତ ଫଟୋ
ନେବାରେ ବ୍ୟସ୍ତ
ସାନ୍ତ୍ୱନା ପାଇଁ କୋହ କାହିଁ ?
ଆଉ ପୁଅ ନିଏ
ଲାଇଭ ଭିଜୁଆଲ
ଫେସବୁକ୍‌ର ମିଛ ସାନ୍ତ୍ୱନା
ସାଉଁଟିବା ପାଇଁ।
ନିଜ ଭୋକ ମେଣ୍ଟେଇବାକୁ ଯାଇ
ନାରିହ ପଶୁକୁ ହତ୍ୟା କରି ଖାଏ,
ସେଇ ବିଭତ୍ସ ଦୃଶ୍ୟକୁ
ସୋସିଆଲ ମିଡ଼ିଆରେ ଘୁରାଏ
ନିଜ ପାରଙ୍ଗମତା ଦର୍ଶାଇବା ପାଇଁ,
ଏଇ କେମିତି କା ମଣିଷ ସମାଜ
ଯହିଁ ସବୁ ଅଛି
ବାସ୍, ମଣିଷତ୍ୱ ନାହିଁ ।

***ପୂର୍ଣ୍ଣିମା ଲେଙ୍କା***
*ଆଇଆଇଟି, ଧାନବାଦ୍*

# ବାପୁନି ଯିବ ପୁରୀ

ବାବାଙ୍କ ସାଥେ ଶ୍ରୀକ୍ଷେତ୍ର ଧାମ
ଯାଇନାହିଁ ବାପୁନି,
ଯା ସାଥେ ଗଲେ ଯେତେ ବି
ସିଏ
ମନ ଜମା ବୁଝୁନି ।
ବାପୁନି ମୋର ହେଲାଣି ବଡ଼
ପଢୁଚି ଭଲ ପାଠ,
ଆହୁରି କିଛି ଜାଣିବ କଥା
ଗଲେ ମନ୍ଦିର, ମଠ ।
ପଢ଼ିଚି ଯାହା ଇତିହାସରୁ
ଜଗନ୍ନାଥଙ୍କ କଥା,
ବୁଝିହେଉନି, ଜାଣିହେଉନି
ଘୁରିଯାଉଚି ମଥା ।
ବୁଲି ଦେଖିଲେ ଶିରୀକ୍ଷେତର
ଜାଣିପାରିବ ସବୁ,
ଜଗାର ଡୋରି ଲାଗିଲେ ଆମେ
ନିଶ୍ଚୟ ପୁରୀ ଯିବୁ।
ସଞ୍ଚୟ କରି ରଖିଛି ଟଙ୍କା
ଖରଚ ହେବ ବୋଲି,
ସବୁତକ ସେ ସାଥିରେ ନେବ
କୁମ୍ଭି ଟି ତା'ର ଖୋଲି ।
ବାବାଙ୍କ ପାଖେ ବାପୁନି ବୁଢ଼ା
କହିଛି କଥାସବୁ,
ସେଇଥିଲାଗି ଆର ମାସରେ
ଶ୍ରୀକ୍ଷେତ୍ର ଆମେ ଯିବୁ।

***ମାଧବ ଚନ୍ଦ୍ର ଦାଶ***
*ଆଙ୍କୁଲାଚଟୀ, ଖୋର୍ଦ୍ଧା*

# ସାଇତି ରଖନ୍ତୁ ଶୀତବସ୍ତ୍ର

**ଶୀତଦିନେ ବିଭିନ୍ନ ପ୍ରକାରର ଶୀତବସ୍ତ୍ର ବ୍ୟବହାର କରାଯାଏ। ଶୀତଦିନ ଶେଷ ହେବା ମାତ୍ରେ ଏହାକୁ ସାଇତି ଓ ସୁରକ୍ଷିତ ରଖିବା ପାଇଁ କିଛି ବିଶେଷ ଉପାୟ ମଧ୍ୟ ଆପଣାଇବା ନିତାନ୍ତ ଆବଶ୍ୟକ ହୋଇଥାଏ। କିଛି ସହଜ ଉପାୟ ଅଛି ଯାହାଦ୍ୱାରା ଶୀତବସ୍ତ୍ରକୁ ଠିକ ଭାବେ ରଖିପାରିବା।**

➢ ଶୀତବସ୍ତ୍ରକୁ ଜୀବାଣୁ, କୀଟାଣୁ ଓ ଅନ୍ୟ ପୋକଙ୍କ ଦାଉରୁ ସୁରକ୍ଷିତ ରଖନ୍ତୁ। ପୋଷାକକୁ ଭଲ ଭାବେ ସଫା କରି ଖରାରେ ଠିକ ରୂପେ ଶୁଖାନ୍ତୁ। ଉଲ୍‌ର ପୋଷାକକୁ ପ୍ଲାଷ୍ଟିକ ବ୍ୟାଗ୍ କିମ୍ବା ବାୟୁ ପ୍ରବେଶ କରୁଥିବା ବ୍ୟାଗ୍‌ରେ ରଖନ୍ତୁ ନାହିଁ। ଏହାକୁ ବାୟୁ ପ୍ରବେଶ କରି ପାରୁନଥିବା ବ୍ୟାଗ୍‌ରେ ଭଲ ଭାବେ ପ୍ୟାକିଙ୍ଗ୍ କରି ରଖନ୍ତୁ।

➢ ଉଲ୍‌ର ପୋଷାକକୁ ଶୀତଦିନରେ ବ୍ୟବହାର କରିବା ପରେ ଭଲ ଭାବେ ସଫା କରନ୍ତୁ। ଉଲ୍‌ର ପୋଷାକକୁ ଠିକ ଭାବେ ଖରାରେ ଶୁଖାନ୍ତୁ। ଖରାରେ ଭଲ ଭାବେ ଶୁଖିବା ପରେ ଆଲମାରୀରେ ରଖନ୍ତୁ। ପୋଷାକକୁ ରଖିବା ପୂର୍ବରୁ ଆଲମିରାକୁ ଭଲ ଭାବେ ସଫା କରନ୍ତୁ।

➢ ଉଲ୍ ପୋଷାକକୁ ଯେଉଁଠାରେ ରଖୁଛନ୍ତି ସେଠାରେ ଗନ୍ଧକର୍ପୂର ରଖନ୍ତୁ। ପୋଷାକକୁ ଭଲ ଭାବେ ସଫା କରିବା ପରେ ସେଥିରେ ଗନ୍ଧକର୍ପୂର ପକାଇ ଭଲ ସ୍ଥାନରେ ରଖନ୍ତୁ। ଏପରି କରିବା ଦ୍ୱାରା ଉଲ୍‌ର ପୋଷାକରେ ପୋକ ଲାଗିନଥାଏ।

➢ ଉଲ୍‌ର ପୋଷାକ ଯେଉଁ ସ୍ଥାନରେ ରଖୁଛନ୍ତି ବେଳେବେଳେ ସେହି ସ୍ଥାନକୁ ଦେଖନ୍ତୁ। ପୋଷାକ ମଧ୍ୟ ଦେଖନ୍ତୁ। କୌଣସି ପୋଷାକ ଯଦି ଚମଡାଯୁକ୍ତ ହୋଇଥିବ ତେବେ ତାକୁ ଥଣ୍ଡା ବାତାବରଣରେ ରଖନ୍ତୁ। ସେହି ପୋଷାକକୁ ଧଳାର ନରମ କପଡାରେ ଭଲ ଭାବେ ଗୁଡାଇ ରଖନ୍ତୁ।

➢ କୋଟ କିମ୍ବା ଜ୍ୟାକେଟ୍‌କୁ ଠିକ୍ ଭାବେ ନ ରଖିବା ଦ୍ୱାରା ତାହା ଶୀଘ୍ର ଖରାପ ହୋଇଯାଏ। ଖରାପ ଜଳବାୟୁରେ ଚମଡ଼ାର ଜ୍ୟାକେଟ୍ ଶୁଖାଇବା ଦ୍ୱାରା ତାହା ନଷ୍ଟ ହୋଇଯାଏ। ତେଣୁ ଚମଡ଼ାର ଜ୍ୟାକେଟ ଓ କୋଟକୁ ଘରେ ନ ଧୋଇ ଡ୍ରାଏକ୍ଲିନ୍ କରନ୍ତୁ। ତା'ପରେ କପଡ଼ାର ବ୍ୟାଗ୍‌ରେ ଭଲ ଭାବେ ରଖନ୍ତୁ। ୩ ମାସକୁ ଥରେ କୋଟ ଓ ଜ୍ୟାକେଟକୁ ବାହାର କରି ସଫା କରି ରଖନ୍ତୁ। ତାକୁ ଏପରି ରଖନ୍ତୁ ଯେପରି ବାହାରର ବାୟୁ ଜ୍ୟାକେଟ ଓ କୋଟ ସଂସ୍ପର୍ଶରେ ନ ଆସେ।

➢ ଶାଲ୍‌କୁ ଚେନ୍ ଲାଗିଥିବା ପଲିଥିନ୍ ବ୍ୟାଗରେ ପ୍ୟାକ କରି ରଖନ୍ତୁ। ଏହାଦ୍ୱାରା ପୋଷାକରେ କୌଣସି ପ୍ରକାରର ପିମ୍ପୁଡ଼ି ଓ କୀଟ ଲାଗି ନଥାଆନ୍ତି। ପୋଷାକ ମଧ୍ୟ ବାୟୁ ସଂସ୍ପର୍ଶରେ ଆସି ନଥାଏ। ସାଲ୍‌କୁ ବ୍ୟାଗ୍‌ରେ ରଖିବା ପୂର୍ବରୁ ସେଥିରେ ଗନ୍ଧକର୍ପୂର ରଖି ଦିଅନ୍ତୁ। ରେଶମର ଶାଲ୍‌କୁ ଧଳାର କପଡ଼ାରେ ଘୋଡ଼ାଇ ରଖନ୍ତୁ। ଏହାସହ ଶାଲ୍‌ରେ ନିମ୍ବ ପତ୍ର ରଖିପାରିବେ। ଏହାଦ୍ୱାରା ଶାଲ୍ କୌଣସି ପ୍ରକାରର ଖରାପ ହୋଇ ନଥାଏ ଓ ଦୁର୍ଗନ୍ଧ ମଧ୍ୟ ବାହାରି ନଥାଏ।

# ମେଟାଲିକ୍ ଜ୍ୟାକେଟ୍



**ମେଟାଲିକ୍ ଜ୍ୟାକେଟ୍ ଏକ ଷ୍ଟେଟ୍‌ମେଣ୍ଟ ପିସ୍‌ର କାମ ଦେଇଥାଏ; ଯାହାକୁ ପାର୍ଟି, ଫଙ୍କସନ୍‌ରେ କ୍ୟାରି କଲେ ଆକର୍ଷଣୀୟ ଲୁକ୍ ମିଳେ। ଖାସ୍ କରି ଶୀତଦିନିଆ ପାର୍ଟି ପାଇଁ ଏହା ବେଷ୍ଟ ହୋଇଥାଏ....**

ମେଟାଲିକ୍ ଜ୍ୟାକେଟ୍ ଏକ ଭର୍ସାଟାଇଲ୍ ଆଉଟ୍‌ଫିଟ୍; ଯାହାକୁ ଭିନ୍ନ ଭିନ୍ନ ଢଙ୍ଗରେ ଷ୍ଟାଇଲ୍ କରିହୁଏ। କାଜୁଆଲ୍ ଲୁକ୍ ହେଉ କି ଗ୍ଲାମର୍ସ ଲୁକ୍ ଏହା ସବୁଥିରେ ପରଫେକ୍ଟ ଲାଗେ। ଅଧିକାଂଶ ଭାବନ୍ତି, ମେଟାଲିକ୍ ଜ୍ୟାକେଟ୍‌ରେ ଲୁକ୍ ଓଭର୍ ଗର୍ଜିୟସ୍ ଲାଗେ; କିନ୍ତୁ ବାସ୍ତବରେ ସେମିତି କିଛି ବି ନୁହେଁ। ଯଦି ଏହାକୁ ସଠିକ୍ ଢଙ୍ଗରେ କ୍ୟାରି କରାଯାଏ; ତା'ହେଲେ ତ ଆକର୍ଷଣୀୟ ପାର୍ଟି ଲୁକ୍ ମିଳେ। ଖାସ୍‌କରି ୱିଣ୍ଟର ପାର୍ଟିରେ ଏହି ଜ୍ୟାକେଟ୍‌କୁ କିଭଳି ଷ୍ଟାଇଲ୍ କରିବେ ଜାଣନ୍ତୁ ସେ ସମ୍ପର୍କରେ...

* ଅନ୍ୟ ଆଉଟ୍‌ଫିଟ୍‌କୁ ସିମ୍ପଲ ରଖିବେ: ମେଟାଲିକ୍ ଜ୍ୟାକେଟ୍ କ୍ୟାରି କରୁଥିଲେ, ଏହା ପୁରା ଲୁକ୍ ପାଇଁ ଷ୍ଟେଟ୍‌ମେଣ୍ଟ ପିସ୍‌ର କାମ ଦେଇଥାଏ। ସେଥିପାଇଁ ଏହାକୁ ବାଲାନ୍ସ କରି ପିନ୍ଧିବା ଆବଶ୍ୟକ। ତେଣୁ ଯେତେବେଳେ ବି ମେଟାଲିକ୍ ଜ୍ୟାକେଟ୍ ପିନ୍ଧୁଛନ୍ତି, ସେତେବେଳେ ବାକି ଆଉଟ୍‌ଫିଟ୍‌ଗୁଡ଼ିକୁ ଯେତେ ସିମ୍ପଲ ରଖିବେ ସେତେ ଭଲ; ଯାହାକି ଷ୍ଟନିଙ୍ଗ୍ ଓ ବ୍ୟୁଟିଫୁଲ୍ ଲୁକ୍ ଦେବ। ଆଉ ଯଦି ବୋଲ୍ଡ କଲର୍‌ର ଆଉଟ୍‌ଫିଟ୍ ସାଙ୍ଗକୁ ଏହି ଜ୍ୟାକେଟ୍ ପିନ୍ଧିବେ ତା'ହେଲେ ତ ଲୁକ୍ ଅଧିକ ଗର୍ଜିୟସ୍ ଲାଗିବ। ତେବେ ମେଟାଲିକ୍ ଜ୍ୟାକେଟ୍ ସାଙ୍ଗକୁ ହାଇଟ୍ କିମ୍ବା ନେଭି ବ୍ଲୁ କଲର୍‌ର ଆଉଟ୍‌ଫିଟ୍ ପିନ୍ଧଲେ ଏହା ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

* ଅଲ୍ ବ୍ଲାକ୍ ଲୁକ୍ କ୍ୟାରି କରିପାରିବେ: ବ୍ଲାକ୍ ଆଉଟ୍‌ଫିଟ୍ ସାଙ୍ଗକୁ ମେଟାଲିକ୍ ଜ୍ୟାକେଟ୍ ଖୁବ୍ ସୁନ୍ଦର ମାନିଥାଏ। ଖାସ୍‌କରି ଶୀତଦିନେ ହେଉଥିବା କୌଣସି ପାର୍ଟିରେ ଯୋଗ ଦେଲାବେଳେ ଯଦି ଝିଅମାନେ ବ୍ଲାକ୍ ସ୍କିନି ଜିନ୍ସ ହେଉ କିମ୍ବା ବ୍ଲାକ୍ କଲର୍‌ର ସିଲ୍କ ଡ୍ରେସ୍ ଉପରେ ଏହି ମେଟାଲିକ୍ ଜ୍ୟାକେଟ୍ ପିନ୍ଧିଥାନ୍ତି, ତା'ହେଲେ ସେମାନଙ୍କ ଲୁକ୍ ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ। ଏହି ଲୁକ୍ ସାଙ୍ଗକୁ ଆଙ୍କେଲ୍ ବୁଟ୍ ହେଉ ଅଥବା ନି ହାଇ ବୁଟ୍ ଖୁବ୍ ସୁନ୍ଦର ମାନିଥାଏ।

* ସ୍ୱେଟର୍ ସହ ପେୟାର: ଯଦି ପାର୍ଟିକୁ ଯିବାବେଳେ ଅଧିକ ଶୀତ ଲାଗୁଥାଏ, ତା'ହେଲେ ବଡି ଫିଟିଙ୍ଗ୍ ସ୍ୱେଟର୍ ସାଙ୍ଗକୁ ମଧ୍ୟ ମେଟାଲିକ୍ ଜ୍ୟାକେଟ୍‌କୁ କମ୍ବାଇନ୍ କରିପାରିବେ। ଖାସ କରି ଟର୍ଟଲନେକ୍ ସ୍ୱେଟର୍ ସାଙ୍ଗକୁ ଏହି ଜ୍ୟାକେଟ୍ ଖୁବ୍ ସୁନ୍ଦର ମାନିଥାଏ। କିନ୍ତୁ ଧ୍ୟାନଦେବେ ଟର୍ଟଲନେକ୍ ସ୍ୱେଟର୍‌ର ରଙ୍ଗ ଯେମିତି ବେଜ୍ କ୍ରିମ୍ ଅଥବା ଗ୍ରେ ଭଳି ନ୍ୟୁଟ୍ରାଲ୍ କଲର୍‌ର ହୋଇଥିବ। ନଚେତ୍ ଲୁକ୍ ମିସ୍‌ମ୍ୟାଚ୍ ଲାଗିବ।



* ଆସେସରିଜ୍ ଉପରେ ଧ୍ୟାନ : ମେଟାଲିକ୍ ଜ୍ୟାକେଟ୍ ନିଜେ ହିଁ ଗୋଟେ ଷ୍ଟେଟମେଣ୍ଟ ପିସ୍, ତେଣୁ ଏହା ସାଙ୍ଗକୁ ଯେତେ କମ୍ ଆସେସରିଜ୍ କ୍ୟାରି କରିବେ ସେତେ ଭଲ। ଖାସ୍ କରି ଏହା ସାଙ୍ଗକୁ ଷ୍ଟଡ୍ ଇୟର ରିଂ, ଲାଇଟ୍ ନେକ୍‌ଲେସ୍ ତଥା ସିମ୍ପଲ ୱାଚ୍ କ୍ୟାରି କଲେ ଲୁକ୍ ଭଲ ଦେଖାଯାଇଥାଏ।



# ବର ଯାଆନ୍ତି ଶାଶୂଘର

ଭାରତରେ ଜାତି, ଧର୍ମ, ବର୍ଣ୍ଣ ସମେତ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପରମ୍ପରା ରହିଛି। ଏହି ଅନନ୍ୟ ପରମ୍ପରା ଭାରତକୁ ଅନ୍ୟ ଦେଶଠାରୁ ସ୍ୱତନ୍ତ୍ର କରେ। ଭାରତରେ ବିଭିନ୍ନ ସଂସ୍କୃତିର ଲୋକମାନେ ରୁହନ୍ତି। ସେମାନଙ୍କର ପୋଷାକ, ଖାଦ୍ୟପେୟ ଏବଂ ବିଶ୍ୱାସ ମଧ୍ୟ ଭିନ୍ନ। ଆଜି ଏମିତି ଏକ ଜନଜାତି ବିଷୟରେ କହିବୁ, ଯେଉଁଠାରେ ବିବାହ ପରେ କନ୍ୟା ବର ଘରକୁ ଯାଏ ନାହିଁ; ବରଂ ବର କନ୍ୟା ସହିତ ରହିବାକୁ ଆସିଥାନ୍ତି। ଏହି ପ୍ରଥା ମେଘାଳୟର ଖାସି ଜନଜାତି ଅନୁସରଣ କରନ୍ତି। ଏହା ଏକ ମାତୃକୈନ୍ଦ୍ରିକ ସମାଜ, ଯେଉଁଠାରେ ବଂଶ ମା'ଙ୍କ ନାମରେ ଉତ୍ତରାଧିକାରୀ ଭାବରେ ପ୍ରାପ୍ତ ହୁଏ।

ଏହି ସମ୍ପ୍ରଦାୟରେ ମହିଳାମାନଙ୍କର ସେମାନଙ୍କ ମାତାପିତାଙ୍କ ସମ୍ପତ୍ତି ଉପରେ ପ୍ରାଥମିକ ଅଧିକାର ଅଛି। ପୁଅ ଏବଂ ଝିଅ ଉଭୟଙ୍କୁ ସେମାନଙ୍କର ଜୀବନସାଥୀ ବାଛିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଖାସି ସମ୍ପ୍ରଦାୟରେ କୌଣସି ଯୌତୁକ ପ୍ରଥା ନାହିଁ, ଯାହା ଏହି ସମ୍ପ୍ରଦାୟର ଏକ ଅନନ୍ୟ ବୈଶିଷ୍ଟ୍ୟ। ମହିଳାମାନେ ନିଜ ଇଚ୍ଛାରେ ଯେକୌଣସି ସମୟରେ ସେମାନଙ୍କର ବିବାହ ଭାଙ୍ଗି ପାରିବେ। ସାନ ଝିଅ ସବୁଠାରୁ ବଡ଼ ଦାୟିତ୍ୱ ବହନ କରେ ଏବଂ ଘରର ସମ୍ପତ୍ତିର ମାଲିକାଣୀ।

ଖାସି ଲୋକଙ୍କ ସଂଖ୍ୟା ପ୍ରାୟ ୯୦୦୦୦୦। ସେମାନଙ୍କ ମଧ୍ୟରୁ ଅଧିକାଂଶ ମେଘାଳୟରେ ରୁହନ୍ତି, ଏବଂ ଆସାମ, ମଣିପୁର ଏବଂ ପଶ୍ଚିମବଙ୍ଗରେ ମଧ୍ୟ ଏକ କମ୍ ଜନସଂଖ୍ୟା ବାସ କରନ୍ତି। ଏହି ସମ୍ପ୍ରଦାୟ ସ୍ଥାପିତ ଚାଷ ମାଧ୍ୟମରେ ନିଜର ଜୀବିକା ଅର୍ଜନ କରନ୍ତି। ସେମାନଙ୍କର ସଙ୍ଗୀତ ସହିତ ଏକ ଦୃଢ଼ ସମ୍ପର୍କ ଅଛି। ସେମାନେ ଗୀଟାର, ବଂଶୀ ଏବଂ ଡ୍ରମ ଭଳି ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇଥାନ୍ତି।

ଏହି ଲୋକମାନେ ମୂଳତଃ ମ୍ୟାନ୍‌ମାରରେ ରହୁଥିଲେ। ତା'ପରେ ସେମାନେ ସେଠାରୁ ସ୍ଥାନାନ୍ତରିତ ହୋଇ ଭାରତର ପୂର୍ବ ଆସାମରେ ବସତି ସ୍ଥାପନ କଲେ। ଧୀରେ ଧୀରେ ସେମାନଙ୍କର ଜନସଂଖ୍ୟା ମେଘାଳୟରେ ବସତି ସ୍ଥାପନ କରିବାକୁ ଲାଗିଲା। ଏହି ଜନଜାତିର ଭାଷା ହେଉଛି ଖାସି।

ଖାସି ଜନଜାତି ବ୍ୟତୀତ, ମେଘାଳୟର ଅନ୍ୟ ଦୁଇଟି ଜନଜାତି (ଗାରୋ ଏବଂ ଜୈନ୍ତିଆ) ମଧ୍ୟ ସମାନ ପ୍ରଥା ପାଳନ କରନ୍ତି। ଏହି ଦୁଇଟି ଜନଜାତି ମଧ୍ୟ ସମାନ ପ୍ରଥା ପାଳନ କରନ୍ତି। ବିବାହ ପରେ ବର ତାଙ୍କ ଶାଶୂଘରକୁ ଚାଲିଯାଆନ୍ତି। ସାଧାରଣତଃ, ଭାରତରେ, ପୁଅ ଜନ୍ମକୁ ଅଧିକ ଆନନ୍ଦରେ ପାଳନ କରାଯାଏ, ଯେତେବେଳେ ଖାସି ଜନଜାତିରେ, ଝିଅ ଜନ୍ମକୁ ଅଧିକ ଆନନ୍ଦରେ ପାଳନ କରାଯାଏ।

# କୁକୁର ଗୋଡ଼ାଇବା ପଛର କାରଣ




ସମସ୍ତେ ଜାଣନ୍ତି କୁକୁର ଏକ ବିଶ୍ୱସ୍ତ ପ୍ରାଣୀ। ଏମାନେ ମଣିଷଙ୍କ ସହ ବହୁତ ଭଲରେ ରୁହନ୍ତି। ହେଲେ ଅନେକ ସମୟରେ ଦେଖିଥିବେ ରାସ୍ତାରେ ବାଇକ ଅବା କାର୍ ଯାଉଥିବା ସମୟରେ ଗଳିର କିଛି କୁକୁର ଗାଡ଼ି ପଛେ ପଛେ ଭୁକି ଭୁକି ଗୋଡ଼ାଇଥାନ୍ତି। ଫଳରେ ଗାଡ଼ି ଚାଳକ ଭୟରେ ସନ୍ତୁଳନ ହରାଇ ବସନ୍ତ ଓ ଦୁର୍ଘଟଣା ଘଟିଯାଏ। କୁକୁରଙ୍କର ଏଭଳି ବ୍ୟବହାର ପଛର କାରଣ ସମ୍ପର୍କରେ ଡଗ୍ ଏକ୍ସପର୍ଟ କୁହନ୍ତି, କୁକୁରଙ୍କର ଶତ୍ରୁତା ମଣିଷ ସହ ନ ଥାଏ। ବରଂ ଗାଡ଼ିର ଟାୟାରରେ ନିଜର ଗନ୍ଧ ଛାଡ଼ିଥିବା ଅନ୍ୟ କୁକୁର ସହ ଥାଏ। କୁକୁରଙ୍କ ଘ୍ରାଣଶକ୍ତି ତୀବ୍ର ହୋଇଥାଏ। ସେମାନେ ଅନ୍ୟ କୁକୁରର ଗନ୍ଧ ତୁରନ୍ତ ଜାଣି ଯାଆନ୍ତି। ବେଳେବେଳେ କିଛି କୁକୁର ଗାଡିର ଚକରେ ପରିସ୍ରା କରି ଦେଇଥାନ୍ତି। ଆଉ ସେଇ ଗାଡି ଯେବେ ଅନ୍ୟ କୌଣସି ସାହି, ଗଳିକୁ ଯାଏ, ସେଠାରେ ଥିବା କୁକୁର ଟାୟାରରେ ଥିବା ଅନ୍ୟ କୁକୁରର ଗନ୍ଧକୁ ବାରି ଦିଅନ୍ତି। ଆଉ ଭାବନ୍ତି ତାଙ୍କ ଏରିଆକୁ କୌଣସି ନୂଆ କୁକୁର ଆସି ଯାଇଛି। ତେଣୁ ସେଠାକାର କୁକୁର ମେଳି ହୋଇ ଗାଡି ପଛେ ପଛେ କାମୁଡି ଗୋଡାନ୍ତି। ବିଶେଷଜ୍ଞଙ୍କ ମତରେ ଏଭଳି କ୍ଷେତ୍ରରେ ଡରିଯାଇ ତୀବ୍ର ଗତିରେ ଗାଡି ନ ଚଳାଇ ବରଂ କିଛି ସମୟ ସ୍ଥିର ରହିଯିବା ଭଲ। ଯେମିତିକି କୁକୁରମାନେ ଜାଣିପାରିବେ ଯେ ତାଙ୍କ ଅଞ୍ଚଳକୁ ଅନ୍ୟ କୌଣସି କୁକୁର ପ୍ରବେଶ କରି ନାହିଁ। ଏହାବାଦ ପାର୍କରେ ଯାଉଥିବାବେଳେ ହେଉ କି ରାସ୍ତାରେ ଗଲାବେଳେ କିଛି ପୋଷାକୁକୁର ବି ହଠାତ୍ ଖୁବ୍ ଜୋର୍‌ରେ ଭୁକି ଲୋକଙ୍କୁ ଗୋଡ଼ାଇ ଥାଆନ୍ତି। ଏହା ପଛରେ ବି ଅନେକ କାରଣ ରହିଥାଏ ବୋଲି ବିଶେଷଜ୍ଞ ମତ ଦିଅନ୍ତି। ଏଇ ଯେମିତି–

କୁକୁରଙ୍କ ଆଞ୍ଚଳିକ ମନୋଭାବ: କୁକୁରମାନେ ସ୍ୱଭାବରେ ପ୍ରାଦେଶିକ ବା ଆଞ୍ଚଳିକ। ନିଜ ଅଞ୍ଚଳରେ ଅନ୍ୟର ଉପସ୍ଥିତିକୁ ଏମାନେ ସହ୍ୟ କରିପାରନ୍ତି ନାହିଁ। ତେଣୁ ନିଜ କ୍ଷେତ୍ରକୁ ସୁରକ୍ଷା ଦେବାର ପ୍ରୟାସରେ ସେମାନେ ଦାନ୍ତ ଦେଖାଇବା, ଗର୍ଜନ କରିବା ସହ ଲୋକଙ୍କୁ କାମୁଡ଼ି ଗୋଡ଼ାନ୍ତି।

ସ୍ୱାଭାବିକ ପ୍ରବୃତ୍ତି: କିଛି କୁକୁର ଭିତରେ ଅନ୍ୟକୁ ଗୋଡାଇବାର ତୀବ୍ର ଆନ୍ତରିକ ଇଚ୍ଛା ଥାଏ, ଯାହାକି ସେମାନଙ୍କ ପୂର୍ବଜଙ୍କଠାରୁ ଆସିଥାଏ। କହିବାକୁ ଗଲେ ଏହା ତାଙ୍କର ଏକ ସହଜାତ ପ୍ରବୃତ୍ତି। ଯେହେତୁ ଏହା କୁକୁରର ଏକ ସ୍ୱଭାବ, ତେଣୁ ଏହା ଆଦୌ ଶତ୍ରୁତାଭରା ବ୍ୟବହାର ନୁହେଁ, କି ସମସ୍ତେ ତା'ର ଶିକାର ନୁହନ୍ତି। ବରଂ କାହାକୁ ପିଛା କରିବାରେ କିଛି କୁକୁର ଅତ୍ୟନ୍ତ ଖୁସି ପାଆନ୍ତି ।

ଖେଳୁଆଡ଼ ମନୋଭାବ: କୁକୁରମାନେ ସ୍ୱଭାବରେ ଖେଳୁଆଡ଼ ହୋଇଥାନ୍ତି। କାହାକୁ ପିଛା କରିବା ତାଙ୍କ ଖେଳର ଏକ ଅଂଶ। ତେଣୁ କୁକୁରଙ୍କୁ ଟ୍ରେଣ୍ଡ୍ କରି ବୁଝାଇବା ଜରୁରୀ ଯେ, ଯେଉଁମାନେ ତାଙ୍କର ପିଛା କରିବାକୁ ପସନ୍ଦ କରନ୍ତି ନାହିଁ ତାଙ୍କୁ ଯେମିତି ସେମାନେ ଗୋଡ଼ାଇବେ ନାହିଁ।

ଚିନ୍ତା ଓ ଭୟ ପ୍ରତି ସମ୍ବେଦନଶୀଳତା କୁକୁରମାନେ ବି ମଣିଷଙ୍କ ଭଳି ଚିନ୍ତା ଓ ଭୟ ପ୍ରତି ସମ୍ବେଦନଶୀଳ ହୋଇଥାନ୍ତି। ଯଦି ସେମାନେ ଅସହଜ ଅବା ଭୟ ଅନୁଭବ କରନ୍ତି ଅତ୍ୟଧିକ ଭୁକିବା ସହ ଗୋଡ଼ାଇପାରନ୍ତି। ତେଣୁ ପୋଷା କୁକୁରଙ୍କ ଭୟ ଓ ଚିନ୍ତାର କାରଣକୁ ଚିହ୍ନି ତାକୁ କମାଇବା ଜରୁରୀ। ପିଛା କରିବା ପ୍ରବୃଦ୍ଧିକୁ ବନ୍ଦ କରିବାର କିଛି ଟିପ୍ସ।

* ଆପଣଙ୍କ କୁକୁର କାହିଁକି ଲୋକଙ୍କ ପିଛା କରୁଛି ପ୍ରଥମେ ତା'ର କାରଣ ଜାଣିବା ଜରୁରୀ। ସେ ଖେଳିବା ପାଇଁ ପିଛା କରୁଛି ନା ନିଜ କ୍ଷେତ୍ରକୁ ଆସିବାକୁ ବାରଣ କରିବା ଲାଗି ଗୋଡ଼ାଉଛି। ଅଥବା ଭୟରେ ଏଭଳି କରୁଛି, ତାହା ଜାଣିବା ପରେ ତା' ବ୍ୟବହାରରେ ପରିବର୍ତ୍ତନ ଆଣିବା ଲାଗି ଚେଷ୍ଟା କରିବା ଜରୁରୀ।

* ଆପଣଙ୍କ କୁକୁର ଯଦି ହଠାତ୍ କାହାକୁ ଗୋଡାଉଛି ସେହି ସମୟରେ ତା'ର ଧାନକୁ ଅନ୍ୟକିଛି କରିବାରେ କେନ୍ଦ୍ରିତ କରନ୍ତୁ। ଆଉ ଯଦି ସେ କଥାମାନି ତାହା କରୁଛି ତେବେ ତାକୁ ପୁରସ୍କୃତ କରନ୍ତୁ ଓ ପ୍ରଶଂସା କରନ୍ତୁ।

* ନିୟମିତ ବ୍ୟାୟାମ କରାଇ କୁକୁରର ଏନର୍ଜି ଲେଭଲ୍ କମାଇ ବି କୁକୁରର ଲୋକଙ୍କୁ ଗୋଡାଇବା ଅଭ୍ୟାସ କମାଇ ହେବ।

* ନିଜ କୁକୁରକୁ ଅଧିକରୁ ଅଧିକ ଲୋକ ଓ ପ୍ରାଣୀଙ୍କ ସଂସ୍ପର୍ଶରେ ଆଣନ୍ତୁ। ଫଳରେ ସେମାନେ ଅନ୍ୟମାନଙ୍କ ସହ ସହଜ ମନେ କରିବେ। ଆଉ ଲୋକଙ୍କୁ ଦେଖିଲେ ଗୋଡାଇବେ ନାହିଁ ।

* କୁକୁରକୁ ପୂରାପୂରି ଆଜ୍ଞାଧୀନ କରାନ୍ତୁ, ଯେମିତିକି ମନା କଲା ମାତ୍ରେ କଥା ଶୁଣୁଥିବ। ଫଳରେ ଯେବେ ସେ ପବ୍ଲିକରେ କାହାକୁ ଗୋଡାଇବ ଆପଣ ସଙ୍ଗେ ସଙ୍ଗେ ତାକୁ ଆୟତ୍ତକୁ ଆଣିପାରିବେ।

* ପୋଷା କୁକୁରକୁ ଏନ୍‌ଜ ଓ ଡିସ୍‌ଏନ୍‌ଜ ଗେମ୍ ଶିଖାନ୍ତୁ। ଏହାଦ୍ୱାରା ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିବ।

* ଯେହେତୁ ସବୁ କୁକୁର ପରସ୍ପରଠୁ ଭିନ୍ନ, ତେଣୁ ଗୋଟିଏ କୁକୁର କ୍ଷେତ୍ରରେ ଯେଉଁ ଟ୍ରିକ୍ କାମ କରିବ, ତାହା ଅନ୍ୟ କୁକୁର କ୍ଷେତ୍ରରେ କାମ ଦେଇ ନ ପାରେ। ତେଣୁ ନିଶ୍ଚିତ ହେବା ଜରୁରୀ ଯେ, କେଉଁ ଟ୍ରିକ୍ ?ଟି ଆପଣଙ୍କ କୁକୁର କ୍ଷେତ୍ରରେ ପ୍ରଯୁଜ୍ୟ। ଯଦ୍ୱାରାକି ଅନ୍ୟକୁ କାମୁଡି ଗୋଡାଇବାବେଳେ ତାକୁ ରୋକି ହେବ।

* ଯଦି ଯେତେ ଯାହା କଲେ ବି ଆପଣଙ୍କ କୁକୁରର ରାଗ ଶାନ୍ତ ହେଉ ନାହିଁ କି ଲୋକଙ୍କୁ କାମୁଡ଼ି ଗୋଡାଇବା ବ୍ୟବହାର କମୁନି, ତେବେ ପେସାଦାର ଟ୍ରେନର୍‌ଙ୍କ ସାହାଯ୍ୟ ନେଇପାରିବେ। ସେମାନେ ଆପଣଙ୍କ କୁକୁରର ବ୍ୟବହାର ଦେଖି କିଛି ସମାଧାନର ବାଟ ଦେଇପାରିବେ ।




# ୱାଇ-ଫାଇ

ଆଜିର ଡିଜିଟାଲ ଯୁଗରେ, ୱାଇ-ଫାଇ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି। ଘରେ, ଅଫିସ, ସ୍କୁଲ କିମ୍ବା ହୋଟେଲରେ, ୱାଇ-ଫାଇ ଇଣ୍ଟରନେଟ ସଂଯୋଗର ସହଜ ମାଧ୍ୟମ ପାଲଟିଛି। ତଥାପି, ଲୋକମାନେ ପ୍ରାୟତଃ ୱାଇ-ଫାଇ ବ୍ୟବହାର କରନ୍ତି, କିନ୍ତୁ ସେମାନେ ଏହାର ନାମ, ଅର୍ଥ ଏବଂ ଏହା କିପରି କାମ କରେ ତାହା ବିଷୟରେ ଅଜ୍ଞ ରୁହନ୍ତି। ସୂଚନାର ଏହି ଅଭାବ ପ୍ରାୟତଃ ସାଇବର ସୁରକ୍ଷା ବିପଦକୁ ବୃଦ୍ଧି କରେ। ତେଣୁ, ୱାଇ-ଫାଇ କ'ଣ ଏବଂ ଏହାକୁ କାହିଁକି ୱାଇ-ଫାଇ କୁହାଯାଏ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ। ୱାଇ-ଫାଇକୁ କାହିଁକି ୱାଇ-ଫାଇ ନାମ ଦିଆଯାଇଛି ଏବଂ ଏହାର ଅର୍ଥ କ'ଣ ତାହା ଆସନ୍ତୁ ବୁଝାଇବା।

## ୱାଇ-ଫାଇ କ'ଣ ?

ୱାଇ-ଫାଇ ଏକ ୱାୟାରଲେସ ନେଟୱାର୍କିଂ ପ୍ରଯୁକ୍ତିବିଦ୍ୟା ଯାହା ଡିଭାଇସଗୁଡ଼ିକୁ ୱାୟାରଲେସ ଭାବରେ ଇଣ୍ଟରନେଟ ସହିତ ସଂଯୋଗ କରେ। ଏହି ପ୍ରଯୁକ୍ତିବିଦ୍ୟା ରେଡିଓ ଫ୍ରିକ୍ୱେନ୍ସି ମାଧ୍ୟମରେ କାର୍ଯ୍ୟ କରେ ଏବଂ ଡବ୍ଲ୍ୟୁଏଲ୍‌ଏନ୍ ଦ୍ୱାରା ପରିଚାଳିତ ହୁଏ, ଏକ ୱାୟାରଲେସ ସ୍ଥାନୀୟ କ୍ଷେତ୍ର ନେଟୱାର୍କ ସିଷ୍ଟମ। ମୋବାଇଲ ଫୋନ, ଲାପଟପ ଏବଂ ସ୍ମାର୍ଟ ଟିଭି ଭଳି ଡିଭାଇସଗୁଡ଼ିକ ୱାଇ-ଫାଇ ମାଧ୍ୟମରେ ଡାଟା ପଠାଏ ଏବଂ ଗ୍ରହଣ କରେ। ଯଦିଓ ପ୍ରାୟତଃ ଏହା ଧରିନିଆଯାଏ ଯେ ୱାଇ-ଫାଇ ହେଉଛି ୱାୟାରଲେସ ଫିଡେଲିଟି ପାଇଁ ବୁଝାଏ, ବାସ୍ତବତା ଭିନ୍ନ। ୱାଇଫାଇ ପ୍ରକୃତରେ ଏକ ସଂକ୍ଷିପ୍ତ ଶବ୍ଦ ନୁହେଁ। ଏହା ୧୯୯୯ ମସିହାରେ ୱାଇ-ଫାଇ ଆଲିଆନ୍ସ ଦ୍ୱାରା ବାଛିଥିବା ଏକ ବ୍ରାଣ୍ଡ ନାମ। ଏହାକୁ ଜାଣିଶୁଣି ଏକ ସରଳ ଏବଂ ସ୍ମରଣୀୟ ନାମ ଦିଆଯାଇଥିଲା, ଯାହା ଦ୍ୱାରା ସାଧାରଣ ବ୍ୟକ୍ତି ମଧ୍ୟ ଆଇଇଇଇ ୮୦୨.୧୧ ପରି ଏକ ବୈଷୟିକ ନାମ ବଦଳରେ ସହଜରେ ଚିହ୍ନିପାରିବେ। ୱାଇ-ଫାଇ ହାଇ-ଫାଇ (ହାଇ ଫିଡେଲିଟି) ଦ୍ୱାରା ଅନୁପ୍ରାଣିତ ହୋଇଥିଲା।

## ୱାଇ-ଫାଇ କିପରି କାମ କରେ ?

ୱାଇ-ଫାଇ ସିଷ୍ଟମରେ, ଏକ ରାଉଟର ଇଣ୍ଟରନେଟ ସହିତ ସଂଯୁକ୍ତ ହୋଇଥାଏ ଏବଂ ରେଡିଓ ସିଗନାଲ ମାଧ୍ୟମରେ ନିକଟସ୍ଥ ଡିଭାଇସଗୁଡ଼ିକୁ ନେଟୱାର୍କ ପଠାଏ। ଡିଭାଇସଗୁଡ଼ିକ ଏହି ସିଗନାଲଗୁଡ଼ିକୁ ଅଟକାଇ ଇଣ୍ଟରନେଟ ସହିତ ସଂଯୋଗ କରେ, ଯାହା ଦ୍ୱାରା କୌଣସି କେବୁଲ ବିନା ଇଣ୍ଟରନେଟ ବ୍ୟବହାର କରିବା ସମ୍ଭବ ହୁଏ। ଏହା ଉଲ୍ଲେଖନୀୟ ଯେ ୱାଇ-ଫାଇ କୌଣସି ଏକ କମ୍ପାନୀ କିମ୍ବା ବ୍ୟକ୍ତିଙ୍କ ସମ୍ପତ୍ତି ନୁହେଁ। ଏହାର ମାନଦଣ୍ଡ ଏବଂ ପ୍ରଯୁକ୍ତିବିଦ୍ୟା ୱାଇ-ଫାଇ ଆଲିଆନ୍ସ ନାମକ ଏକ ସଂଗଠନ ଦ୍ୱାରା ପରିଚାଳିତ ହୁଏ, ଯେଉଁଥିରେ ଅନେକ ଟେକ କମ୍ପାନୀ ଅନ୍ତର୍ଭୁକ୍ତ। ଏହି ସଂଗଠନ ୱାଇ-ଫାଇ ପ୍ରଯୁକ୍ତିବିଦ୍ୟାକୁ ଉନ୍ନତ ଏବଂ ସୁରକ୍ଷିତ କରିବା ପାଇଁ କାର୍ଯ୍ୟ କରେ।

ପ୍ରକୃତରେ, ଯଦି ଏକ ୱାଇ-ଫାଇ ନେଟୱାର୍କ ସୁରକ୍ଷିତ ନୁହେଁ, ତେବେ ଏହା ସାଇବର ଆକ୍ରମଣ ପାଇଁ ଏକ ସହଜ ଲକ୍ଷ୍ୟସ୍ଥଳ ହୋଇପାରେ। ଦୁର୍ବଳ ସୁରକ୍ଷା ତଥ୍ୟ ଚୋରି, ହ୍ୟାକିଂ ଏବଂ ବ୍ୟକ୍ତିଗତ ସୂଚନା ଲିକେଜ ହୋଇପାରେ। ଲୋକମାନେ ପ୍ରାୟତଃ ଚିନ୍ତା ନକରି ସେମାନଙ୍କର ୱାଇ-ଫାଇ ପାସୱାର୍ଡ ସେୟାର କରନ୍ତି, ଯାହା ନେଟୱାର୍କର ଅପବ୍ୟବହାର କରିପାରେ।

# ପୁଷ୍ଟିକର ଖାଦ୍ୟ 'ଅଣ୍ଡା'

ଅଣ୍ଡାକୁ ଏକ ସମ୍ପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଭାବେ ଗଣାଯାଏ, କିନ୍ତୁ ଏଥିରେ ଥିବା କୋଲେଷ୍ଟ୍ରଲକୁ ନେଇ ଅନେକ ସମୟରେ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ନିକଟରେ ଗୁରୁଗ୍ରାମ ସ୍ଥିତ ମାରେଙ୍ଗୋ ଏସିଆ ହସ୍ପିଟାଲର ମୁଖ୍ୟ ଡାଏଟିସିଆନ୍ ପରମିତ୍ କୌର ଅଣ୍ଡା ଖାଇବାର ସଠିକ୍ ପରିମାଣ ଓ ଏହାର ଉପକାରିତା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି।

ଅଣ୍ଡା ହେଉଛି ଉଚ୍ଚମାନର ପ୍ରୋଟିନ୍, ସୁସ୍ଥକର ଚର୍ବି ଏବଂ ଅତ୍ୟାବଶ୍ୟକ ଭିଟାମିନ୍ (ଭିଟାମିନ୍ ଡି, ବି୧୨, ଏ ଏବଂ ଇ)ର ଏକ ଭଣ୍ଡାର। ଏଥିରେ ଥିବା ସେଲେନିୟମ୍, ଆଇରନ୍ ଏବଂ କୋଲାଇନ୍ ମସ୍ତିଷ୍କର କାର୍ଯ୍ୟଦକ୍ଷତା ଓ ମେଟାବୋଲିଜିମ୍ ବଢ଼ାଇବାରେ ସାହାଯ୍ୟ କରିଥାଏ। ଡାଏଟିସିଆନ୍‌ଙ୍କ ଅନୁଯାୟୀ, ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ୧ ରୁ ୨ଟି ଅଣ୍ଡା କିମ୍ବା ସପ୍ତାହକୁ ୭ଟି ଅଣ୍ଡା ନିର୍ଭୟରେ ଖାଇପାରିବେ। ସେ କହିଛନ୍ତି ଯେ, ଅଣ୍ଡାରେ ଥିବା କୋଲେଷ୍ଟ୍ରଲ ରକ୍ତରେ ଥିବା କୋଲେଷ୍ଟ୍ରଲ ଉପରେ ସେତେଟା ପ୍ରଭାବ ପକାଇ ନଥାଏ, ଯେତିକି 'ଟ୍ରାନ୍ସ ଫ୍ୟାଟ୍' ବା ଅତ୍ୟଧିକ ତେଲଜାତୀୟ ଖାଦ୍ୟ ପକାଇଥାଏ। ଯେଉଁମାନଙ୍କର ପୂର୍ବରୁ ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା ହୃଦରୋଗ ରହିଛି, ସେମାନେ ଅଣ୍ଡାର କେଶର ଖାଇବା ସମୟରେ ସତର୍କ ରହିବା ଉଚିତ୍। ଏଭଳି ବ୍ୟକ୍ତିମାନେ ଡାକ୍ତରଙ୍କ ପରାମର୍ଶ ନେଇ ନିଜ ଖାଦ୍ୟରେ ଅଣ୍ଡା ସାମିଲ କରିବା ଭଲ। ଅଣ୍ଡାର ସମ୍ପୂର୍ଣ୍ଣ ପୋଷ୍ଟିକତା ପାଇବା ପାଇଁ ଏହାର ରନ୍ଧନ ଶୈଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସିଝା ଅଣ୍ଡା ସବୁଠାରୁ ସ୍ୱାସ୍ଥ୍ୟପ୍ରଦ ବିକଳ୍ପ ବୋଲି କୁହାଯାଇଛି। ଅଧିକ ତେଲ ବା ବଟରରେ ଭଜା ଅଣ୍ଡାର ପୁଷ୍ଟିକର ଗୁଣ କମିଯାଏ ଏବଂ ଶରୀରରେ କୋଲେଷ୍ଟ୍ରଲ ବୃଦ୍ଧି ହୋଇଥାଏ।



# ଅଶୋକ ସ୍ତମ୍ଭର କଥା

**ଅଶୋକ ସ୍ତମ୍ଭ ଭାରତର ଜାତୀୟ ପ୍ରତୀକ ବୋଲି ସମସ୍ତେ ଜାଣନ୍ତି। ଗର୍ଜନ କରୁଥିବା ଚାରୋଟି ସିଂହର ପ୍ରତିମୂର୍ତ୍ତି ଥିବା ଏହି ସ୍ତମ୍ଭ। ଦେଶର ଶାସନ, ସଂସ୍କୃତି ଓ ଶାନ୍ତିର ପ୍ରତୀକ ଅଟେ। ତେବେ ଏହାକୁ ଜାତୀୟ ପ୍ରତୀକ ଭାବେ ଗ୍ରହଣ କରିବା ପଛରେ କ'ଣ ଥିଲା କାରଣ ଜାଣନ୍ତୁ ସେ ସମ୍ପର୍କରେ..**

୧୯୫୦ ମସିହା ଜାନୁୟାରୀ ୨୬ ତାରିଖରୁ ଅଶୋକ ସ୍ତମ୍ଭକୁ ଭାରତର ଜାତୀୟ ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ଏହା ସାମ୍ବିଧାନିକ ପଦ ଓ ସମ୍ବିଧାନର ଶକ୍ତିକୁ ଦର୍ଶାଏ। କୌଣସି ସରକାରୀ କାଗଜରେ ଏହି ସ୍ତମ୍ଭର ଫଟୋ ଥିଲେ ତ ସେହି କାଗଜର ମାନ ବଢ଼ିଯାଏ। ତେବେ ଜାଣନ୍ତିକି ଏହି ଅଶୋକ ସ୍ତମ୍ଭର ଇତିହାସ ବହୁ ପୁରୁଣା। ଏହାର ସମ୍ବନ୍ଧ ମୌର୍ଯ୍ୟ ବଂଶର ତୃତୀୟ ରାଜା ସମ୍ରାଟ ଅଶୋକଙ୍କ ସହ ରହିଛି। ଇତିହାସ କହେ ସମ୍ରାଟ ଅଶୋକ ଜଣେ କ୍ରୁର ଶାସକ ଥିଲେ। ହେଲେ କଳିଙ୍ଗ ଯୁଦ୍ଧ ସମୟରେ ହୋଇଥିବା ନରସଂହାର ତାଙ୍କ ମାନସିକତାକୁ ବଦଳାଇ ଦେଇଥିଲା। ସେ ସବୁକିଛି ତ୍ୟାଗ କରି ବୌଦ୍ଧଧର୍ମର ଶରଣାଗତ ହୋଇ ସେହି ଧର୍ମକୁ ଗ୍ରହଣ କରିଥିଲେ। କୁହାଯାଏ ବୌଦ୍ଧଧର୍ମ ସହ ଜଡ଼ିତ ହେବାପରେ ଏହି ଧର୍ମର ପ୍ରତୀକ ଭାବେ ଗର୍ଜନ କରୁଥିବା ସିଂହ ଆକୃତି ଥିବା ସ୍ତମ୍ଭ ସମ୍ରାଟ ଅଶୋକ ତିଆରି କରାଇଥିଲେ, ଯାହାକୁ ଅଶୋକ ସ୍ତମ୍ଭ କୁହାଗଲା। ତେବେ ସମ୍ରାଟ ଅଶୋକ ଏହି ସ୍ତମ୍ଭରେ ସିଂହର ଆକୃତିକୁ ହିଁ କାହିଁକି ବାଛିଥିଲେ ? କୁହାଯାଏ ଭଗବାନ ବୁଦ୍ଧଙ୍କର ଥିବା ୧୦୦ ନାମ ଭିତରେ 'ଶାକ୍ୟସିଂହ' ଓ 'ନରସିଂହ' ଅନ୍ୟତମ। ଏହାବାଦ ସାରନାଥରେ ଭଗବାନ ବୁଦ୍ଧ ଦେଇଥୁବା ଧର୍ମ ଉପଦେଶକୁ 'ସିଂହ ଗର୍ଜନା' କୁହାଯାଏ। ତେଣୁ ସାରନାଥରେ ସେ କରିଥିବା ଅଶୋକ ସ୍ତମ୍ଭରେ ସିଂହର ଆକୃତିକୁ ପ୍ରାଧାନ୍ୟ ଦିଆଯାଇଥିଲା। ସିଂହର ପ୍ରତିମୂର୍ତ୍ତି ସାହସ, ଶକ୍ତି ଓ ଆତ୍ମବିଶ୍ୱାସର ନିଦର୍ଶନ। ଆଉ ଏହା ଭାରତର ଗର୍ବ ଗୌରବକୁ ବି ଦର୍ଶାଏ। ସେଥିପାଇଁ ଦେଶ ସ୍ୱାଧୀନ ହେବା ପରେ ଅଶୋକ ସ୍ତମ୍ଭକୁ ଜାତୀୟ ପ୍ରତୀକ ଭାବେ ଗ୍ରହଣ କରାଗଲା। ଉକ୍ତ ସ୍ତମ୍ଭରେ ଚାରୋଟି ସିଂହ ଥିଲେ ହେଁ ତିନୋଟି ସିଂହ ଦେଖାଯାଆନ୍ତି। ଏହାର ଗୋଲାକୃତି ଆକାର ପାଇଁ ଚାରୋଟି ସିଂହ ଥିଲେ ହେଁ ଯେଉଁଦିଗରୁ ଦେଖିଲେ ବି ଏଥିରେ ତିନିଟି ସିଂହ ଥିବା ପରି ଲାଗେ। ଏହି ଚାରି ସିଂହ ବୁଦ୍ଧଦେବଙ୍କର ସବୁ ଦିଗରେ ଧର୍ମର ପ୍ରଚାର କରିବାକୁ ଦର୍ଶାଏ। ଏହି ଅଶୋକ ସ୍ତମ୍ଭର ତଳଭାଗରେ ଗୋଟେ ପଟେ ଘୋଡ଼ା ଓ ଅନ୍ୟପଟେ ଷଣ୍ଢର ଆକୃତି ଥିବାବେଳେ ଓ ଏହା ମଝିରେ ଚକ୍ର ଥିବା ଦେଖିବାକୁ ମିଳେ। ଚକ୍ରକୁ ଭାରତର ଜାତୀୟ ପତାକାରେ ବି ବ୍ୟବହାର କରାଯାଇଛି। କୁହାଯାଏ ଏଥିରେ ଥିବା ଘୋଡ଼ା ହେଉଛି ବୁଦ୍ଧଦେବଙ୍କ ଓ କନ୍ଥକ ନାମକ ଘୋଡ଼ା, ଯାହାକୁ ବ୍ୟବହାର କରି ସେ ରାଜ୍ୟତ୍ୟାଗ କରିଥିଲେ। ଷଣ୍ଢଟି ବୁଦ୍ଧଦେବଙ୍କ ରାଶିକୁ ଦର୍ଶାଏ। ତା'ଛଡ଼ା ଅଶୋକ ସ୍ତମ୍ଭ ତଳଭାଗରେ 'ସତ୍ୟମେବ ଜୟତେ' ମଧ୍ୟ ଲେଖା ଯାଇଥାଏ। ଯାହାକି ମୁଣ୍ଡକୋପନିଷଦର ସୂତ୍ର ଅଟେ। ଯାହାର ଅର୍ଥ 'ସତ୍ୟର ହିଁ ବିଜୟ ହୋଇଥାଏ'। ନୂଆ ସଂସଦ ଭବନର ଛାତରେ ଏକ ବିରାଟକାୟ ଅଶୋକ ସ୍ତମ୍ଭ କରାଯାଇଛି। ୬.୫ ମିଟର ଉଚ୍ଚ ଏହି ଅଶୋକ ସ୍ତମ୍ଭକୁ ସାହାରା ଦେବା ପାଇଁ ତା' ପାଖରେ ୬୫୦୦ କି.ଗ୍ରା.ର ଷ୍ଟିଲର ସଂରଚନା ବି କରାଯାଇଛି। ଯଦ୍ୱାରା କି ଏହି ଢାଞ୍ଚା ମଜଭୁତ ହୋଇ ନିଜ ସ୍ଥାନରେ ରହିବ।



### ଅଶୋକ ସ୍ତମ୍ଭକୁ ନେଇ ଆଇନ କାନୁନ୍

ଜାତୀୟ ଚିହ୍ନ ଅଶୋକ ସ୍ତମ୍ଭର ସାମ୍ବିଧାନକ ମର୍ଯ୍ୟାଦା ଅଛି। ତେଣୁ ଏହାର ଗରିମାରେ କୌଣସି ପ୍ରକାରର ବାଧା ଆସିବା ଠିକ୍ ନୁହେଁ। ସେଥିପାଇଁ ଏହାର ବ୍ୟବହାରକୁ ନେଇ ଆମ ଦେଶରେ ନାନା ନିୟମ କାନୁନ ଅଛି। ଯେମିତିକି ଏହାର ବ୍ୟବହାର କେବଳ ସମ୍ବିଧାନିକ ପଦରେ ଥିବା ବ୍ୟକ୍ତି କରିପାରିବେ। ଯାହାମଧ୍ୟରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ରୀୟ ମନ୍ତ୍ରୀ, ରାଜ୍ୟପାଳ, ଉପ ରାଜ୍ୟପାଳ, ନ୍ୟାୟପାଳିକା, ସରକାରୀ ସଂସ୍ଥାଗୁଡ଼ିକର ଉଚ୍ଚ ଅଧିକାରୀ ସାମିଲ ଅଟନ୍ତି। ତେବେ ଅବସର ନେବାପରେ କୌଣସି ପୂର୍ବ ମନ୍ତ୍ରୀ, ସାଂସଦ, ବିଧାୟକ ବିନା ଅନୁମତିରେ ଏହାକୁ ବ୍ୟବହାର କରିପାରିବେ ନାହିଁ। ଏହାର ଦୁରୁପଯୋଗ ଉପରେ ଅଙ୍କୁଶ ଲଗାଇବା ଲାଗି ଭାରତୀୟ ରାଷ୍ଟ୍ରୀୟ ଚିହ୍ନ (ଦୁରୁପଯୋଗ ଅଟକାଇବା) ଆକ୍ଟ ୨୦୦୫ ତିଆରି କରାଯାଇଥିଲା। ଯାହାକୁ ୨୦୦୭ରେ ଅପଡେଟ୍ ବି କରାଯାଇଛି। ଏହି ଆଇନ ଅନୁସାରେ ଯଦି କେହି ସାଧାରଣ ବ୍ୟକ୍ତି ଏହାକୁ ବ୍ୟବହାର କରନ୍ତି ତେବେ ତାଙ୍କୁ ୨ ବର୍ଷ ଜେଲ ଦଣ୍ଡ ସହ ୫୦୦୦ ଜରିମାନା ହୋଇପାରେ।

# ଆଇନହାଲୋ ଆଇଲ୍ୟାଣ୍ଡ୍



ବିଶ୍ୱରେ ଅନେକ ଗୁଡ଼ିଏ ରହସ୍ୟମୟ ଦ୍ୱୀପ ରହିଛି। ସ୍କଟଲ୍ୟାଣ୍ଡରେ ଥିବା ଆଇନହାଲୋ ଆଇଲ୍ୟାଣ୍ଡ ସେଥିରୁ ଅନ୍ୟତମ। ଏହି ହାର୍ଟ ଶେପ ବା ହୃତ୍‌ପିଣ୍ଡ ଆକୃତିର ଦ୍ୱୀପ ଦେଖିବାକୁ ବହୁତ ସୁନ୍ଦର। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏଠାକୁ ବର୍ଷକରେ କେବଳ ଗୋଟିଏ ଦିନ ଯିବାକୁ ଅନୁମତି ମିଳିଥାଏ। ଅବଶିଷ୍ଟ ୩୬୪ ଦିନ ଏଠାକୁ ଯିବା ସମ୍ଭବ ନ ଥାଏ।

ଏହି ଦ୍ୱୀପ ଏତେ ଛୋଟ ଯେ ଏହାକୁ ମ୍ୟାପରେ ଖୋଜିବା କଷ୍ଟକର ହୋଇଥାଏ। ଏହି ଦ୍ୱୀପକୁ ନେଇ ଅନେକ ରହସ୍ୟମୟ କାହାଣୀ ରହିଛି। ଲୋକକଥା ଅନୁସାରେ ଆଇନହାଲୋ ହେଉଛି ଭୂତମାନଙ୍କର ଦ୍ୱୀପ। ଖରାପ ଶକ୍ତି ଏହି ଦ୍ୱୀପକୁ ବଶ କରି ରଖିଛି। ଯଦି କୌଣସି ବ୍ୟକ୍ତି ଏହି ଦ୍ୱୀପକୁ ଯିବାକୁ ଚେଷ୍ଟା କରନ୍ତି, ତେବେ ଏହି ଦୁଷ୍ଟ ଶକ୍ତିମାନେ ସେମାନଙ୍କୁ ଏହି ଦ୍ୱୀପରେ ପବନରେ ଅଦୃଶ୍ୟ କରାଇ ଦିଅନ୍ତି। ଏପରିକି ଏଠାରେ ମତ୍ସ୍ୟକନ୍ୟାମାନେ ରହୁଛନ୍ତି ଓ ଖରାଦିନେ ସେମାନେ ପାଣି ଉପରକୁ ବାହାରୁ ଥିବା ମଧ୍ୟ ଲୋକକଥାରେ କୁହାଯାଇଛି।

ଏ ସମ୍ପର୍କରେ ପ୍ରଫେସର ଡାନ ଲି କହିଛନ୍ତି ଯେ ହଜାରେ ବର୍ଷ ପୂର୍ବରୁ ଏଠାରେ ଜନବସତି ଥିଲା। କିନ୍ତୁ ୧୮୫୧ରେ ଏଠାରେ ପ୍ଲେଗ ରୋଗ ବ୍ୟାପିବାରୁ ଲୋକେ ଏହି ଦ୍ୱୀପ ଛାଡ଼ି ଚାଲିଯାଇଥିଲେ। ଏବେ ଏହା ସମ୍ପୂର୍ଣ୍ଣ ଭାବେ ମରୁଭୂମି ପାଲଟିଯାଇଛି। ଅନେକ ଘରର ଧ୍ୱଂସସ୍ତୁପ ଏଠାରେ ଦେଖିବାକୁ ମିଳୁଛି। ପତ୍ନତତ୍ତ୍ୱବିତ୍‌ମାନେ ଏଠାରେ ଖୋଦେଇ ସମୟରେ ଅନେକ ପଥର କାନ୍ଥ ପାଉଛନ୍ତି। ତେବେ ଏହି ଦ୍ୱୀପ କେବେ ସୃଷ୍ଟି ହୋଇଥିଲା ଏ ସମ୍ପର୍କରେ ଏ ଯାବତ୍ କୌଣସି ସ୍ପଷ୍ଟ ସୂଚନା ନାହିଁ ବୋଲି ଡାନ ଲି କହିଛନ୍ତି।

ପ୍ରତ୍ନତତ୍ତ୍ୱବିତଙ୍କ କହିବାନୁସାରେ ଏହା ଏକ ଗବେଷଣା ଯୋଗ୍ୟ ସ୍ଥାନ। ଯଦି ଏହା ଉପରେ ଗବେଷଣା କରାଯାଏ, ତେବେ ଇତିହାସର ଅନେକ ରହସ୍ୟ ସାମ୍ନାକୁ ଆସିପାରିବ। ଆଇନହାଲୋ ଦ୍ୱୀପ ଓରକନେ ଦ୍ୱୀପଠାରୁ ମାତ୍ର ୫୦୦ ମିଟର ଦୂରରେ ଅବସ୍ଥିତ। ଓରକନେ ଦ୍ୱୀପରେ ଜନବସତି ଥିବାବେଳେ ଆଇନହାଲୋ ଦ୍ୱୀପକୁ ଯିବା ସମ୍ଭବ ହେଉ ନାହିଁ। ଏପରିକି ବୋଟରେ ମଧ୍ୟ ଯିବା ସମ୍ଭବ ହେଉ ନାହିଁ। କାରଣ ଏହି ନଦୀରେ ଏତେ ଜୁଆର ଆସୁଛି ଯେ ବୋଟ ନେଇଯିବା ସମ୍ଭବ ନୁହେଁ।

# ସ୍ୱର୍ଗଠାରୁ ଗରୀୟସୀ

ପ୍ରସିଦ୍ଧ ବିଦ୍ୱାନ କୂଟନୀତି ବିଶାରଦ, 'ଅର୍ଥଶାସ୍ତ୍ର' ଗ୍ରନ୍ଥର ପ୍ରଣେତା ଚାଣକ୍ୟଙ୍କର ସବୁଠାରୁ ପ୍ରିୟ ଥିଲେ ତାଙ୍କର ମା'। ମା'ଙ୍କୁ ବହୁତ ଭଲ ପାଉଥିବା ଚାଣକ୍ୟଙ୍କ ବାଲ୍ୟାବସ୍ଥାର ଏହି ଘଟଣା। ସେଦିନ ଚାଣକ୍ୟ ଘରେ ନ ଥିବା ସମୟରେ ଜଣେ ଜ୍ୟୋତିଷ ତାଙ୍କ ଗୃହକୁ ଆସିଥିଲେ। ଉତ୍ସୁକତାବଶତଃ ମା' ଜ୍ୟୋତିଷଙ୍କୁ ଦେଖାଇଥିଲେ ଚାଣକ୍ୟଙ୍କ କୁଣ୍ଡଳୀ। କୁଣ୍ଡଳୀ ଦେଖିଲା ପରେ ଜ୍ୟୋତିଷେ କହିଥିଲେ- 'ମା'! ତୁମର ପୁଅ ଅତି ଭାଗ୍ୟଶାଳୀ। ଏଭଳି ପୁଅ ହଜାରରେ ଜଣେ ବି ଜନ୍ମ ହୋଇ ନ ଥାନ୍ତି। ଭବିଷ୍ୟତରେ ଏହି ପିଲା ବହୁତ ଉନ୍ନତି କରିବ। ସେ ଚକ୍ରବର୍ତ୍ତୀ ସମ୍ରାଟ ହେବାର ଯୋଗ ରହିଛି। ଯଦି ମୋ କଥା ଉପରେ ଭରସା ନ ଆସୁଛି ତେବେ ତା'ର ସମ୍ମୁଖ ଦାନ୍ତ ଦେଖିବେ। ଗୋଟିଏ ଦାନ୍ତରେ 'ନାଗ'ର ଚିହ୍ନ ରହିଛି। ଏହା ଅତ୍ୟନ୍ତ ଭାଗ୍ୟଶାଳୀ ହେବାର ପ୍ରତୀକ।' ଏଭଳି ଏକ ଶୁଭ ସମ୍ବାଦରେ ଯେ କେହି, ବିଶେଷ କରି ଜନ୍ମଦାତ୍ରୀ ଜନନୀ ଖୁସି ହେବାର କଥା; କିନ୍ତୁ ଚାଣକ୍ୟଙ୍କ ମା'ଙ୍କଠାରେ ବିପରୀତ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ସନ୍ତାନ ଥିଲା ତାଙ୍କର ଜୀବନ। ମନକୁ ଆସିଲା- ଚକ୍ରବର୍ତ୍ତୀ ସମ୍ରାଟ ଭଳି ପଦ ପାଇଲେ ମୋତେ ଭୁଲି ଯିବ ନିଶ୍ଚୟ। ପୁଅ ଘରକୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଘରକୁ ଫେରିବା ପରେ ଚତୁରତାର ସହ ପୁଅର ଆଗଦାନ୍ତ ଦେଖିଥିଲେ। ଜ୍ୟୋତିଷଙ୍କ କଥା ସତ୍ୟ ବୋଲି ଜାଣିବା ପରେ ତାଙ୍କର ପାଦତଳ ମାଟି ଖସିଗଲା ଭଳି ଲାଗିଲା। ହଠାତ୍ ମା'ଙ୍କ ମୁଖମଣ୍ଡଳରେ ବିଷର୍ଣ୍ଣଭାବ ଲକ୍ଷ୍ୟ କରି ପ୍ରଖର ବୁଦ୍ଧିମାନ ଚାଣକ୍ୟ ଠଉରାଇ ନେଲେ ନିଶ୍ଚୟ ଏହା ପଛରେ କିଛି ରହସ୍ୟ ଅଛି। ଅଳି କରି ମା'ଙ୍କୁ ଏହାର କାରଣ ପଚାରିଥିଲେ। ମା' ପ୍ରଥମେ ଏହାକୁ ଟାଳି ଦେଉଥିଲେ 'କିଛି ନାହିଁ' କହି, ହେଲେ ପ୍ରାଣାଧିକ ସନ୍ତାନର ଜିଦ୍ ଆଗରେ ହାର ମାନି ଜ୍ୟୋତିଷଙ୍କ କଥା କହି ଦେଇଥିଲେ। 'ଏଇ ଗୋଟାଏ କଥା'- ଏହା କହି ବାହାରକୁ ଯାଇ ମା'ଙ୍କ ଅଲକ୍ଷ୍ୟରେ ଏକ କ୍ଷୁଦ୍ର ପଥରରେ ସେହି ଦାନ୍ତକୁ ଭାଙ୍ଗି ଦେଇଥିଲେ। ଭଙ୍ଗାଦାନ୍ତକୁ ମା'ଙ୍କ ସମ୍ମୁଖରେ ରଖି କହିଥିଲେ- 'ମା! ତୁମ ଆଗରେ ଏକ ନୁହେଁ, ଅନେକ ଚକ୍ରବର୍ତ୍ତୀ ସମ୍ରାଟ ପଦ ମୋ ଆଗରେ ତୁଚ୍ଛ, ତୁମେ ମୋ ନିକଟରେ ସ୍ୱର୍ଗଠାରୁ ଗରୀୟସୀ। ଜ୍ୟୋତିଷଙ୍କ କଥା ସତ ହୋଇଥିଲା।

## ଦିନିକିଆ ର୍‍ୟାଙ୍କିଙ୍ଗ୍: ଟପ୍-୧୦ରେ ୪ ଭାରତୀୟ

# ପାଞ୍ଚବର୍ଷ ପରେ କୋହଲି ନଂ.-୧

ଦୁବାଇ: ମହାନ୍ ଭାରତୀୟ ବ୍ୟାଟର୍ ବିରାଟ କୋହଲି ୫ ବର୍ଷ ପରେ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ନମ୍ବର-୧ ବ୍ୟାଟର୍ ହୋଇଛନ୍ତି। ସେ ଏହି ସ୍ଥାନରୁ ଭାରତର ରୋହିତ ଶର୍ମାଙ୍କୁ ହଟାଇ ଦେଇଛନ୍ତି। ରୋହିତ ନମ୍ବର-୩ ଦିନିକିଆ ବ୍ୟାଟର୍ ହୋଇଛନ୍ତି। ତାଙ୍କୁ ଦୁଇଟି ସ୍ଥାନର କ୍ଷତି ହୋଇଛି। ବିରାଟ ଓ ରୋହିତଙ୍କ ବ୍ୟତୀତ ଅନ୍ୟ ଦୁଇ ଭାରତୀୟ ବ୍ୟାଟର୍ ଟିମ୍ ଇଣ୍ଡିଆ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ (ପଞ୍ଚମ) ଏବଂ ଶ୍ରେୟସ୍ ଆୟର୍ (ଦଶମ) ଶୀର୍ଷ-୧୦ରେ ରହିଛନ୍ତି।

ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୯୧ ବଲ୍‌ରେ ୯୩ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ୍ ଖେଳିଥିଲେ। ଏହାର ସିଧା ଲାଭ ତାଙ୍କୁ ମିଳିଛି। ଏବେ ତାଙ୍କ ରେଟିଂ ପଏଣ୍ଟ ୭୮୫ ହୋଇଛି। ବିରାଟ ୨୦୨୧ ଜୁଲାଇ ପରେ ପ୍ରଥମ ଥର ଏବଂ ଓଭର୍‌ଅଲ୍ ତାଙ୍କ କ୍ୟାରିୟର୍‌ରେ ଏକାଦଶ ଥର ନମ୍ବର-୧ ବ୍ୟାଟର୍ ହୋଇଛନ୍ତି। ଗତ ସପ୍ତାହରେ ସେ ନମ୍ବର-୨ରେ ଥିଲେ।



ର୍‍ୟାଙ୍କିଙ୍ଗ୍‌ରେ ନ୍ୟୁଜିଲାଣ୍ଡ ବ୍ୟାଟର୍ ଡାରିଲ୍ ମିଚେଲ୍‌ଙ୍କୁ ଗୋଟିଏ ସ୍ଥାନର ଲାଭ ମିଳିଛି ଏବଂ ସେ ଏବେ ୭୮୪ ରେଟିଂ ପଏଣ୍ଟ ସହ ନମ୍ବର ଦୁଇରେ ପହଞ୍ଚିଛନ୍ତି। ଅର୍ଥାତ୍ ପ୍ରଥମ ଏବଂ ଦ୍ୱିତୀୟ ନମ୍ବର ବ୍ୟାଟର୍‌ଙ୍କ ମଧ୍ୟରେ କେବଳ ଗୋଟିଏ ରେଟିଂ ପଏଣ୍ଟର ବ୍ୟବଧାନ ରହିଛି।

ବିରାଟ ୨୦୧୩ ଅକ୍ଟୋବରରେ ପ୍ରଥମ ଥର ଶୀର୍ଷ ର୍‍ୟାଙ୍କିଙ୍ଗ୍ ହାସଲ କରିଥିଲେ। ସେ ମୋଟ ୮୨୫ ଦିନ ପର୍ଯ୍ୟନ୍ତ ନମ୍ବର-୧ ସ୍ଥାନରେ ରହିସାରିଛନ୍ତି। ଅନ୍ୟ କୌଣସି ଭାରତୀୟ ବ୍ୟାଟର୍ ଦିନିକିଆରେ ଏତେ ଦିନ ପର୍ଯ୍ୟନ୍ତ ଶୀର୍ଷ ସ୍ଥାନରେ ରହିନାହାନ୍ତି। ଏହି ମାମଲାରେ ସେ ବିଶ୍ୱରେ ୧୦ମ ସ୍ଥାନରେ ରହିଛନ୍ତି।

ଦିନିକିଆ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଭାରତର ମହମ୍ମଦ ସିରାଜ୍‌ଙ୍କୁ ବଡ଼ ଲାଭ ହୋଇଛି। ସେ ୫ ସ୍ଥାନର ସୁଧାର ସହିତ ୧୫ଶ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ସହ ଏହି ସ୍ଥାନରେ ବାଂଲାଦେଶର ମେହଦୀ ହସନ୍ ମିରାଜ ମଧ୍ୟ ରହିଛନ୍ତି। ସେହିପରି ଆଫଗାନିସ୍ତାନ ଅଲ୍‌ରାଉଣ୍ଡର୍ ରଶିଦ୍ ଖାନ୍ ବୋଲିଂ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ରହିଛନ୍ତି। ଭାରତର କୁଲଦୀପ୍ ଯାଦବ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଭାରତ ବିପକ୍ଷରେ କ୍ୟାରିୟର୍ ଶ୍ରେଷ୍ଠ ୪ ୱିକେଟ୍ ନେଇଥିବା ନ୍ୟୁଜିଲାଣ୍ଡ ଫାଷ୍ଟ ବୋଲର୍ କାଇଲ୍ ଜେମିସନ୍ ର୍‍ୟାଙ୍କିଙ୍ଗ୍‌ରେ ବଡ଼ ଲମ୍ଫ ପ୍ରଦାନ କରିଛନ୍ତି। ସେ ୨୭ ସ୍ଥାନ ଉପରକୁ ଉଠି ୬୯ତମ ନମ୍ବରରେ ପହଞ୍ଚିଛନ୍ତି।

## ୧୯ ବର୍ଷରୁ କମ୍ ବିଶ୍ୱକପ୍: ବିଜୟରୁ ଟିମ୍ ଇଣ୍ଡିଆର ଅଭିଯାନ

ବୁଲାୱାୟୋ: ଆଇସିସି ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ନିଜ ପ୍ରଥମ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଆମେରିକାକୁ ଡିଏଲ୍ଏସ୍ ମେଥଡ୍‌ରେ ୬ ୱିକେଟ୍‌ରେ ହରାଇ ଦେଇଛି। ସ୍ଥାନୀୟ କ୍ୱିନ୍ସ ସ୍ପୋର୍ଟ୍ସ କ୍ଲବ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଆମେରିକା ପ୍ରଥମେ ୩୫.୨ ଓଭର୍‌ରେ ୧୦୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ୩୭ ଓଭର୍‌ରେ ମିଳିଥିବା ୯୬ ରନ୍‌ର ସଂଶୋଧିତ ଲକ୍ଷ୍ୟକୁ ଭାରତ ୧୭.୨ ଓଭର୍‌ରେ ହାସଲ କରିନେଇଛି।

ଲକ୍ଷ୍ୟର ପିଛା କରୁଥିବା ଭାରତର ଆରମ୍ଭ ଭଲ ନଥିଲା। ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିଲେ। ବୈଭବ ଆଉଟ୍ ହେବା ପରେ ବର୍ଷା ହେବାରୁ ମ୍ୟାଚ୍ ଅଟକିଥିଲା। ବର୍ଷା ବନ୍ଦହେବା ପରେ ଓଭର୍‌ରେ ହ୍ରାସ କରାଯାଇ ଭାରତ ଆଗରେ ୩୭ ଓଭର୍‌ରେ ୯୬ ରନ୍ ଲକ୍ଷ୍ୟ ରଖାଯାଇଥିଲା। ତେବେ ଏହାର ତୁରନ୍ତ ପରେ ବେଦାନ୍ତ ତ୍ରିବେଦୀ (୨) ମଧ୍ୟ ଶସ୍ତାରେ ପ୍ୟାଭିଲିୟନ୍ ଫେରିଥିଲେ। ଦୁଇ ୱିକେଟ୍‌ର ପତନ ପରେ କ୍ୟାପ୍‌ଟେନ୍ ଆୟୁଷ ମହାତ୍ରେ (୧୯) ଏବଂ ବିହାନ୍ ମାଲହୋତ୍ରା (୧୮) ଇନିଂସ୍ ସମ୍ଭାଳିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହାପରେ ୱିକେଟ୍‌କିପର୍ ବ୍ୟାଟର୍ ଅଭିଜ୍ଞାନ କୁଣ୍ଡୁ ଓ କନିଷ୍କ ଚୌହାନ୍ ଭାରତକୁ ବିଜୟୀ କରାଇଥିଲେ। କୁଣ୍ଡୁ ୪ ବଲ୍‌ରେ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୪୨ ଏବଂ କନିଷ୍କ ୧୦ ରନ୍ କରି ଅପରାଜିତ ଫେରିଥିଲେ। ଆମେରିକା ପକ୍ଷରୁ ରିତ୍ୱିକ୍ ଆପ୍ପିଦି ୨ଟି, ରିଷଭ ସିମ୍ପି ଓ ଉତ୍କର୍ଷ ଶ୍ରୀବାସ୍ତ ୧-୧ ସଫଳତା ପାଇଥିଲେ। ଟସ୍ ହାରି ବ୍ୟାଟିଂ ପାଇଥିବା ଆମେରିକା ୩୯ ରନ୍‌ରେ ହିଁ ୫ ୱିକେଟ୍ ହରାଇଥିଲା। ଅମରିନ୍ଦର ଗିଲ୍ ୧, ସାହିଲ୍ ଗର୍ଗ ୧୬, ଉତ୍କର୍ଷ ଶ୍ରୀବାସ୍ତବ ୦, ଅର୍ଜୁନ୍ ମହେଶ ୧୬ ଏବଂ ଅମୋଘ ଅରେପଲ୍ଲୀ ୩ ରନ୍ କରି ଫେରିଥିଲେ। ଅଦନିନ୍ ଝାମ୍ବ ୧୮ ରନ୍ କରି ଟିମ୍‌କୁ ୫୦ ପାର୍ କରାଇଥିଲେ।

## କୁଟ୍ଟପ୍ପା ଭାରତୀୟ ପୁରୁଷ ବକ୍ସିଂ ଟିମ୍ ମୁଖ୍ୟ କୋଚ୍ ନିଯୁକ୍ତ

ନୂଆଦିଲ୍ଲୀ: ଦ୍ରୋଣାଚାର୍ଯ୍ୟ ପୁରସ୍କାରେ ସମ୍ମାନିତ ସିଏ କୁଟ୍ଟପ୍ପାଙ୍କୁ ପୁଣିଥରେ ଭାରତୀୟ ପୁରୁଷ ବକ୍ସିଂ ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଛି। ଏହା ତାଙ୍କର ତୃତୀୟ କାର୍ଯ୍ୟକାଳ ହେବ। କୁଟ୍ଟପ୍ପା ଏହି ପଦରେ ଏଏସ୍‌ଆଇ ରୋହତକର କୋଚ୍ ଧର୍ମେନ୍ଦ୍ର ଯାଦବଙ୍କ ସ୍ଥାନ ନେବେ। ଅବଶ୍ୟ ଧର୍ମେନ୍ଦ୍ର ପୁରୁଷ ଟିମ୍‌ର କୋଚିଂ ଷ୍ଟାଫ୍‌ର ସଦସ୍ୟ ରହିବେ। ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ) କାର୍ଯ୍ୟକାରୀ ନିର୍ଦ୍ଦେଶକ କର୍ଣ୍ଣେଲ୍ ଅରୁଣ ମଲିକ୍ ଏହି ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେଇଛନ୍ତି। ଭାରତୀୟ ପୁରୁଷ ବକ୍ସିଂ ଟିମ୍‌ର ଗତ କିଛିବର୍ଷ ଧରି ପ୍ରଦର୍ଶନ ଆଶାନୁରୂପ ରହିନାହିଁ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ ପାଇଁ କେବଳ ଦୁଇଜଣ ପରୁଷ ବକ୍ସର୍ ଯୋଗ୍ୟତା ଅର୍ଜନ କରିଥିଲେ। ଏହାପରେ ୨୦୨୫ ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ଶିପ୍ (ଲିଭର୍‌ପୁଲ୍)ରେ ଭାରତୀୟ ପୁରୁଷ ଟିମ୍ ୧୨ ବର୍ଷରେ ପ୍ରଥମ ଥର ବିନା ପଦକରେ ଫେରିଥିଲା। କୁଟ୍ଟପ୍ପା ପୂର୍ବରୁ ମଧ୍ୟ ଟୋକିଓ ଓ ପ୍ୟାରିସ୍ ଅଲିମ୍ପିକ୍ ଅବସରରେ ଭାରତୀୟ ଟିମ୍‌ର ମୁଖ୍ୟ କୋଚ୍ ଥିଲେ। ସେ ୨୦୦୮ ବେଜିଂ ଅଲିମ୍ପିକ୍ ଅବସରରେ ଜାତୀୟ ସହଯୋଗୀ ଷ୍ଟାଫ୍‌ର ସଦସ୍ୟ ଥିଲେ, ଯେତେବେଳେ ବିଜେନ୍ଦର ସିଂହ ଭାରତକୁ ବକ୍ସିଂରେ ପ୍ରଥମ ଅଲିମ୍ପିକ୍ ପଦକ ଦେଇଥିଲେ। ସେହିପରି ମହିଳା ଟିମ୍‌ର କୋଚିଂ ଷ୍ଟାଫ୍‌ରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଗତ ମାସରେ ମହିଳା ଟିମ୍‌ର ବିଦେଶୀ କୋଚ୍ ନିଯୁକ୍ତ ହୋଇଥିବା ପୂର୍ବତନ ହାଇପର୍‌ଫର୍ମାନ୍ସ ଡାଇରେକ୍ଟର ସାଣ୍ଟିଆଗୋ ନିଏଭା ଜାତୀୟ କ୍ୟାମ୍ପ୍‌ରେ ଯୋଗ ଦେଇଛନ୍ତି। ସେହିପରି ମହିଳା ବକ୍ସିଂ ଟିମ୍‌ର କୋଚ୍-ଇନ୍-ଚାର୍ଜ ଦାୟିତ୍ୱ ଏସ୍‌ଏଆଇର ଗୀତା ଚାନୁ ସମ୍ଭାଳିବେ।

# ବାଂଲାଦେଶ କ୍ରିକେଟ୍‌ରେ ସଂକଟ

ଢାକା: ମୁସ୍ତାଫିଜୁର୍ ରହମାନ୍ ବିବାଦ ମଧ୍ୟରେ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଅର୍ଥ ନିର୍ଦ୍ଦେଶକ ଏମ୍ ନଜମୁଲ୍ ଇସ୍ଲାମ୍‌ଙ୍କୁ ତତ୍କାଳ ପ୍ରଭାବରେ ପଦରୁ ହଟାଇ ଦେଇଛି। ଏହା ସହିତ ବିସିବି ସଭାପତି ଏହି ଦାୟିତ୍ୱ ନିଜ ହାତକୁ ନେଇଛନ୍ତି। ଖେଳାଳିଙ୍କ ବିରୋଧ ଏବଂ ବୃଦ୍ଧି ପାଉଥିବା ଚାପ ମଧ୍ୟରେ ବିସିବି ଏହି ନିଷ୍ପତ୍ତି ନେଇଛି। ନଜମୁଲ୍ ବାଂଲାଦେଶର ପୂର୍ବତନ କ୍ୟାପ୍‌ଟେନ୍ ତମିମ୍ ଇକ୍‌ବାଲ୍‌ଙ୍କୁ ଭାରତୀୟ ଏଜେଣ୍ଟ କହିଥିଲେ। ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକ ନେଇ ଦେଖା ଦେଇଥିବା ବିବାଦ ଉପରେ ତମିମ୍ ସଂଯମତା ଦେଖାଇବାକୁ ଅପିଲ୍ କରିଥିଲେ। କିନ୍ତୁ ନଜମୁଲ୍‌ଙ୍କ ଏହି ଟିପ୍ପଣୀ କ୍ରିକେଟ୍ କମ୍ୟୁନିଟିକୁ ଆହୁରି କ୍ଷୁବ୍ଧ କରିଥିଲା। ସିଡବ୍ଲ୍ୟୁଏବି ନଜମୁଲ୍‌ଙ୍କ ଟିପ୍ପଣୀକୁ ନିନ୍ଦନୀୟ ଏବଂ ଖେଳାଳିଙ୍କ ପ୍ରତି ଅପମାନ କହିବା ସହିତ ତାଙ୍କୁ ତୁରନ୍ତ ପଦରୁ ହଟାଇବାକୁ ଦାବି କରିଥିଲା। ଏହାକୁ ନେଇ ସିଡବ୍ଲ୍ୟୁଏବି ଏବଂ ବିସିବି ଅଧିକାରୀମାନଙ୍କ ମଧ୍ୟ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ବାହାରି ପାରିନଥିଲା। ଏହାପରେ ସିଡବ୍ଲ୍ୟୁଏବି ସହରର ଏକ ହୋଟେଲ୍‌ରେ ପ୍ରେସ୍ କନ୍‌ଫରେନ୍ସ କରି ନିଜର ମନୋଭାବ ସ୍ପଷ୍ଟ କରିଥିଲା।

ଖେଳାଳିମାନେ ନିଜ ନିଷ୍ପତ୍ତିରେ ଅଟଳ ରହିବା ସହିତ ବହୁ ସମୟ ଧରି ପଡ଼ିଆକୁ ଆସିନଥିଲେ। ଫଳରେ ବାଂଲାଦେଶ ପ୍ରିମିୟର୍ ଲିଗ୍ (ବିପିଏଲ୍)ର ଉଦ୍‌ଘାଟନୀ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇପାରି ନଥିଲା। ଏହି ମ୍ୟାଚ୍ ନୂଆଖାଲି ଏକ୍ସପ୍ରେସ୍ ଓ ଚଟ୍ଟୋଗ୍ରାମ ରୟାଲ୍ସ ମଧ୍ୟରେ ଖେଳାଯିବାର ଥିଲା। ସେହିପରି ଏହା ପୂର୍ବରୁ କ୍ରିକେଟର୍‌ଙ୍କ ହରତାଳ କାରଣରୁ ଢାକା କ୍ରିକେଟ୍ ଲିଗ୍ (ଡିସିଏଲ୍) ମ୍ୟାଚ୍ ମଧ୍ୟ ଆରମ୍ଭ ହୋଇପାରି ନଥିଲା।

ଏହା ମଧ୍ୟରେ ବିସିସିଆ ଏକ ବୟାନ ଜାରିକରି ନଜମୁଲ୍ ଇସ୍ଲାମ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ ପ୍ରକ୍ରିୟା ଆରମ୍ଭ କରିଥିଲା। ବୋର୍ଡ ନଜମୁଲ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହିତ ୪୮ ଘଣ୍ଟା ମଧ୍ୟରେ ଜବାବ ଦେବାକୁ କହିଥିଲା। ଜବାବ ଆଧାରରେ ନିୟମ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୟାନରେ କୁହାଯାଇଥିଲା। ବିସିବି ଏହା ମଧ୍ୟ କହିଛି, ବିପିଏଲ୍ ଦେଶର ସବୁଠୁ ପ୍ରମୁଖ ଘରୋଇ ଟି-୨୦ ଲିଗ୍ ଏବଂ ଖେଳାଳି ଏହାର ସବୁଠୁ ବଡ଼ ହିତଧାରକ।

## ଏସିଆନ୍ ଗେମ୍ସ ୨୦୨୬: ସେପ୍ଟେମ୍ବର ୧୭ରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ନୂଆଦିଲ୍ଲୀ: ଏସିଆନ୍ ଗେମ୍ସ ୨୦୨୬ର କ୍ରିକେଟ୍ କାର୍ଯ୍ୟକ୍ରମ ଘୋଷିତ ହୋଇଛି। ଏସିଆନ୍ ଗେମ୍ସରେ କ୍ରିକେଟ୍ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୩ ତାରିଖ ମଧ୍ୟରେ ଖେଳାଯିବ। ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଗେମ୍ସ ଆୟୋଜିତ ହେବ। ତେବେ ଆଇଚି-ନାଗୋୟା ଏସିଆନ୍ ଗେମ୍ସ ଆୟୋଜକ କମିଟି ଦ୍ୱାରା ଜାରି କାର୍ଯ୍ୟକ୍ରମ ଅନୁସାରେ କ୍ରୀଡ଼ା ପ୍ରତିଯୋଗିତାର ଆଧିକାରିକ ଉଦ୍‌ଘାଟନ ସମାରୋହ ୯ ଦିନ ପୂର୍ବରୁ ହେବ। ଏସିଆନ୍ ଗେମ୍ସ ୨୦୨୬ରେ କ୍ରିକେଟ୍ ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ମ୍ୟାଚ୍ ଆଇଚି ପ୍ରେପ୍ରେଦଶର କୋରୋଗୀ ଆଥ୍‌ଲେଟିକ୍ ପାର୍କରେ ହେବ।

ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୪ରୁ ଆରମ୍ଭ ହେବ ଏବଂ ଅକ୍ଟୋବର ୧୩ରେ ପଦକ ଫାଇନାଲ୍ ସହ ଶେଷ ହେବ। ଏଥିରେ ୧୦ ଟିମ୍ ଭାଗନେବେ ଏବଂ କ୍ୱାର୍ଟର୍ ଫାଇନାଲ୍ ପୂର୍ବରୁ ତିନିଦିନ ଧରି ପ୍ରିଲିମିନାରୀ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ଦିନରେ ଡବଲ୍ ହେଡର୍ ହେବ। ସକାଳ ମ୍ୟାଚ୍ ଭାରତୀୟ ସମୟାନୁସାରେ ସାଢ଼େ ୫ଟାରେ ଆରମ୍ଭ ହେବ। ସେହିପରି ଦ୍ୱିପ୍ରହର ମ୍ୟାଚ୍ ଭାରତୀୟ ସମାୟାନୁସାରେ ସକାଳ ସାଢ଼େ ୧୦ଟାରେ ଖେଳାଯିବ। ଆଗାମୀ ଏସିଆନ୍ ଗ୍ମେରେ କ୍ରିକେଟ୍ ଚତୁର୍ଥ ଥର ସାମିଲ ହେବ। ୨୦୧୦ ଗ୍ୱାଙ୍ଗ୍‌ଝୁ ଏସିଆନ୍ ଗେମ୍ସରେ କ୍ରିକେଟ୍ ସର୍ବପ୍ରଥମେ ସାମିଲ ହୋଇଥିଲା। ପରେ ୨୦୧୪ ଇଞ୍ଚିୟୋନ୍‌ରେ ଏହାର ପ୍ରତ୍ୟାବର୍ତ୍ତନ ଘଟିଥିଲା। ତେବେ ଏହି ମ୍ୟାଚ୍‌ଗୁଡ଼ିକ ଅନ୍ତର୍ଜାତୀୟ ମାନ୍ୟତା ମିଳିନଥିଲା। ୨୦୨୨ ହାଙ୍ଗ୍‌ଝୁ (ଚୀନ୍)ରେ ହୋଇଥିବା ଏସିଆନ୍ ଗେମ୍ସର ବିଜେତା ଭାରତ ଥିଲା। ଚଳିତ ଥର ସମସ୍ତ ମ୍ୟାଚ୍‌କୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ଅନ୍ତର୍ଜାତୀୟ ମାନ୍ୟତା ପ୍ରଦାନ କରାଯାଇଛି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

**TARIFF**
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra**, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର